ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ହାଇସ୍କୁଲକୁ ଜମି ଦାନକଲେ ଭୋଇ ପରିବାର

କର୍ଲାମୁଣ୍ଡା,୨୩।୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସ୍ୱର୍ଗତ ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲର ଜମି ବିବାଦକୁ ନେଇ ଉପୁଜିଥିବା ସମସ୍ୟା ଶୁକ୍ରବାର ସମାଧାନ ହୋଇଥିବା ଜଣାପଡ଼ିଛି। ୧୯୮୪ମସିହାରେ କର୍ଲାମୁଣ୍ଡାଠାରେ ଅଞ୍ଚଳବାସୀଙ୍କ ଉଦ୍ୟମରେ ପଞ୍ଚାୟତ ସମିତି ହାଇସ୍କୁଲ ସ୍ଥାପନ କରାଯାଇଥିଲା। ଏଥିପାଇଁ ସ୍ୱର୍ଗତ ରତନ ଭୋଇଙ୍କ ପରିବାର ଆବଶ୍ୟକ ଜମି ଦାନ କରିଥିଲେ। ତେବେ କୌଣସି କାରଣରୁ ସ୍କୁଲକୁ ଦେଇଥିବା ଜମି ସ୍କୁଲ ନାମରେ ହୋଇପାରି ନ ଥିଲା। ଏଥିପାଇଁ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଆସୁଥିଲା। ତେବେ ଶୁକ୍ରବାର ଭୋଇ ପରିବାର ପକ୍ଷରୁ ଜଳନ୍ଧର ଭୋଇ, ନନ୍ଦି କିଶୋର ଭୋଇ, ନବୀନ କୁମାର ଭୋଇ, ଜୟନ୍ତି ମାଝୀ ଓ ଆନନ୍ଦିନୀ ଭୋଇ ପ୍ରମୁଖ ତହସିଲଦାରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ନାମରେ ୬୦ ଡିସମିଲ ଜମିକୁ ରେଜିଷ୍ଟ୍ରେସନ କରିଦେବା ପରେ ହାଇସ୍କୁଲରେ ଖୁସିର ଲହରୀ ଖେଳିଯାଇଛି। ସ୍ୱର୍ଗତ ରତନ ଭୋଇଙ୍କ ପ୍ରଚେଷ୍ଟା ଓ ତାଙ୍କ ପରିବାର ଏହି ଅବଦାନ ଚିରସ୍ମରଣୀୟ ହୋଇ ରହି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ଅବସରରେ ସ୍ୱର୍ଗତ ରତନ ଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହିତ ଉନ୍ମୋଚନ କରାଯାଇଥିଲା ଏଥିରେ ସ୍ଥାନୀୟ ତହସିଲଦାର ମିଳନ କୁମାର ଝାଙ୍କର, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଧାନ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ଅବସର ପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପାଶା, ପ୍ରଦୀପ୍ତ, ବସନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜୟଶଙ୍କର ସାହୁ,ଦିନ ବନ୍ଧୁ ସାହୁ, ମିତ୍ର ଭାନୁ ସାହୁ, କଇତି ସାହୁ, ମିତ୍ର ଭାନୁ ମାଝୀ, ବଡ ସାହୁ ଓ ସୁବାଷ ସାହୁ, ବିପ୍ରଚରଣ ସାହୁ, ଅଭିରାମ ସାହୁ ଉପସ୍ଥିତ ଥିଲେ।

### ଗଣେଶ ପୂଜା ଅବସରରେ ପ୍ରବଚନ କାର୍ଯ୍ୟକ୍ରମ

ବେହେରା ,୨୩।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଠାରେ ଗଣେଶପୂଜା ଅବସରରେ ଶନିବାରରୁ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୭ ଦିନ ଧରି ଚାଲିବ। ବେହେରା ମାର୍କେଟ କମ୍ପ୍ଲେକ୍ସ ପୂଜା କମିଟି ଆୟୋଜିତ ପୂଜା ଅବସରରେ ଶ୍ରୀଅନଙ୍ଗ ଦାସଜୀ ମହାରାଜ ଜଗନ୍ନାଥ ସଂସ୍କୃତି, ରାମାୟଣ, ଶ୍ରୀମଦ ଭଗବତଗୀତା ଉପରେ ଦିବ୍ୟ ପ୍ରବଚନ କରୁଛନ୍ତି। ଅନିଲ ପଣ୍ଡା ଓ ତାଙ୍କ ସ୍ତ୍ରୀ ସିଖାରାଣୀ ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ଗୁଣନିଧି ନାଗ, ସମ୍ପାଦକ ତ୍ରିଲୋକ ନାଥ ସିଂ, ବବଲୁ ଅଗ୍ରୱାଲ, ଚନ୍ଦ୍ରକାନ୍ତ ରଣା, ସୁରେନ୍ଦ୍ର ଗୋପାଳ, ଭିକାରୀ ଚରଣ ଗୋପାଳ, ପୂର୍ଣ୍ଣ ଚନ୍ଦ୍ର ସାହୁ, କାହ୍ନା ଭୋଇ, ଅଜୟ ତିୱାରୀ, ଗୌରଚନ୍ଦ୍ର ବାଗ, ଭୁବନେ କାଣ୍ଡ, ପିତାମ୍ବର ଗୋପାଳ ପ୍ରମୁଖ ସହଯୋଗ କରୁଛନ୍ତି। ପ୍ରବଚନ କାର୍ଯ୍ୟକ୍ରମକୁ ସଙ୍ଗୀତମୟ କରିବା ପାଇଁ ତବଲା ବାଦକ କୃଷ୍ଣ ପ୍ରସାଦ ସ୍ୱାଇଁ, ହାରମୋନିୟମ ବାଦକ ରାଧାକାନ୍ତ ଓଝା, ଗଣେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରୁଛନ୍ତି।

# କଳାହାଣ୍ଡି ଗଡ଼ଜାତ ଅଞ୍ଚଳରେ ଆଜି ନୂଆଁଖାଇ

ଭବାନୀପାଟଣା,୨୩।୯(ଉତ୍ତମ କୁମାର ଦାଶ)


ମା’ ମାଣିକେଶ୍ୱରୀ ମନ୍ଦିର।

ନୂଆଁଖାଇ କଳାହାଣ୍ଡି ଜିଲାର ଏକ ମୁଖ୍ୟ ପରମ୍ପରା। ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲାରେ ସବୁଠି ସପ୍ତମୀ ତିଥିରେ ନୂଆଁଖାଇ ପାଳନ ହେଉଥିବାବେଳେ ଏଠାରେ ପ୍ରତିପଦଠାରୁ ଆରମ୍ଭ କରି ଦଶହରା ଦଶମୀ ପର୍ଯ୍ୟନ୍ତ ଚାଲିଥାଏ ନୂଆଁଖାଇ। ରାତି ପାହିଲେ ଅର୍ଥାତ ରବିବାର କଳାହାଣ୍ଡି ଜିଲାର ଗଡ଼ଜାତ ଅଞ୍ଚଳରେ ପାଳନ ହେବ ଗଣପର୍ବ ନୂଆଁଖାଇ। କଳାହାଣ୍ଡି ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶରୀଙ୍କଠାରେ ନବାନ୍ନ ଲାଗି ହେଲା ପରେ ନୂଆଁଖାଇବେ ଗଡ଼ଜାତ ଅଞ୍ଚଳବାସୀ। ମାଣିକେଶ୍ୱରୀଙ୍କ ପାଖରେ ରବିବାର ସକାଳେ ନବାନ୍ନ ଲାଗି ନେଇ ଲଗ୍ନ ସ୍ଥିର ହୋଇଛି। ମା’ଙ୍କ ନିକଟରେ ନବାନ୍ନ ଲାଗିବା ପରେ ଗଡଜାତ ଅଞ୍ଚଳର ଭବାନୀପାଟଣା ସମେତ ଲାଞ୍ଜିଗଡ, ଜୟପାଟଣା, ମଦନପୁର ରାମପୁର, ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରରେ ପାଳିତ ହେବ ନୂଆଁଖାଇ ପର୍ବ। ଏନେଇ ଉତ୍ସବ ମୁଖର ଗଡ଼ଜାତ ଅଞ୍ଚଳର ପୁରପଲ୍ଲୀ। ସାଧାରଣତଃ ଗଣେଶ ପୂଜା ପରଦିନ ଅର୍ଥାତ ପଞ୍ଚମୀକୁ ନୂଆଁଖାଇ ରୂପେ ପଶ୍ଚିମ ଓଡ଼ିଶାରେ ପାଳନ କରାଯାଏ। କିନ୍ତୁ କଳାହାଣ୍ଡିର ଗଡ଼ଜାତ ଅଞ୍ଚଳରେ ଏହାକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ।

ରବିବାର ସକାଳ ୬ ଟାରୁ ୮ଟା ୫୦ ମଧ୍ୟରେ ବିଧି ବିଧାନ ଅନୁଯାୟୀ ମା’ ମାଣିକେଶ୍ୱରୀ ନିକଟରେ ନବାନ୍ନ ଲାଗି ହେବ। ସକାଳ ୧୦ ଘଣ୍ଟା ୧୦ ମିନିଟ ରୁ ୩ ଘଟିକା ମଧ୍ୟରେ ନୂଆଖାଇବେ ସର୍ବସାଧାରଣ। ସେହିପରି ଦିନ ୯ ଘଟିକାଠାରୁ ସର୍ବସାଧାରଣ ମା’ଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ରହିବ। ଶୁକ୍ଳପକ୍ଷ ଦଶମୀ ତିଥିରେ ମା’ଙ୍କ ପାଖରେ ଏହି ନବାନ୍ନ ଲାଗି ହୋଇଥାଏ। ଏପରିସ୍ଥଳେ ଶନିବାର ଗଡ଼ଜାତ ଅଞ୍ଚଳରେ ଲୋକେ ନୂଆଁଖାଇ ପାଇଁ ପ୍ରସ୍ତୁତ ହୋଇପଡିଛନ୍ତି। ନୂଆଁଖାଇ ପାଇଁ ନୂଆ ଧାନ, ନୂଆ ଚୁଡା, ଗୁଡ କିଣୁଥିବା ଦେଖିବାକୁ ମିଳିଛି। କୃଷିଭିତ୍ତିକ ପର୍ବ ନୂଆଁଖାଇରେ ସବୁ କିଛି ନୂଆ ସାମଗ୍ରୀ ବ୍ୟବହାର ହେବା ନେଇ ପରମ୍ପରା ରହିଥିବାରୁ ଲୁଗା ଦୋକାନରେ ମଧ୍ୟ ପ୍ରବଳ ଭିଡ ଜମୁଛି। ନୂଆଁଖାଇକୁ ନେଇ ଚାରିଆଡେ ଉତ୍ସାହର ମାହୋଲ ଥିବାବେଳେ ବ୍ୟବସାୟୀ ମଧ୍ୟ ବ୍ୟବସାୟକୁ ନେଇ ବେଶ ଖୁସି ଅଛନ୍ତି। ଅନ୍ୟ ପଟେ ନୂଆଖାଇ ପରେ ଆରମ୍ଭ ହେବ ଜୁହାର ଭେଟ ଓ ଚାଲିବ ଭେଟଘାଟ ସହ ନାଚଗୀତର ଆସର। ସେଥିପାଇଁ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ମା’ ମାଣିକେଶରୀଙ୍କ ମନ୍ଦିର ସମ୍ମୁଖରେ ଚାଲିଛି ଅଭ୍ୟାସର ପର୍ବ। କଳାହାଣ୍ଡିର ବୀର ବାଦ୍ୟ ଘୁମୁରା ସହ ବଜାଶାଳ, ବନାବାଡି, ସିଙ୍ଗାରି ଆଦି ନୃତ୍ୟରେ ଝୁମିବେ ଗଡ଼ଜାତ ଅଞ୍ଚଳବାସୀ।

## ସବୁଠି ଉତ୍ସବମୟ ପରିବେଶ, ଗହଳଚହଳ


ଲାଞ୍ଜିଗଡ଼ ସାପ୍ତାହିକ ବଜାରରେ ଲୋକେ ନୂଆଁଖାଇ ଲାଗି ଜିନିଷ କିଣୁଛନ୍ତି।

ଲାଞ୍ଜିଗଡ,୨୩।୯ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ରବିବାର ଦଶମୀ ତିଥିରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ତଥା ଗଣପର୍ବ ନୂଆଁଖାଇ ପାଳିତ ହେବ। ଏଥିପାଇଁ ସମସ୍ତେ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଗାଁଠୁ ସହର ଚାରିଆଡେ ପର୍ବର ମାହୋଲ ଦେଖିବାକୁ ମିଳୁଛି। ଗୃହିଣୀମାନେ ଘର ସଫାସୁତୁରା କରି ସାରିଛନ୍ତି। ତିହାର ପାଇଁ ବଜାର ସଉଦା ସବୁ କିଣା ସରିଛି। ଶନିବାର ଲାଞ୍ଜିଗଡ଼ ସାପ୍ତାହିକ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନବାନ୍ନ ଭକ୍ଷଣ ପାଇଁ ନୂଆଦନା, ମାଟିହାଣ୍ଡି, ନୂଆଧାନ କିଣିବାକୁ ଭିଡ଼ ଲାଗିଥିଲା। ଏପଟେ ଜିଲା ତଥା ରାଜ୍ୟ ବାହାରେ ରହୁଥିବା ଲୋକେ ପରିବାର ସହ ଘରକୁ ଆସିବାରେ ଲାଗିଛନ୍ତି। ପଶ୍ଚିମ ଓଡ଼ିଶାର ପ୍ରାୟ ସବୁ ଜିଲାରେ ନୂଆଁଖାଇ ବେଶ ଆଡମ୍ବର ଭାବେ ଗୋଟିଏ ଦିନରେ ପାଳନ କରାଯାଉଥିବାବେଳେ କଳାହାଣ୍ଡି ଜିଲାରେ ଏକ ଭିନ୍ନ ସ୍ୱତନ୍ତ୍ରତା ରହିଛି। ଜିଲାରେ ପର୍ଯ୍ୟାୟକ୍ରମେ ପାଳନ ହୋଇଥାଏ ନୂଆଁଖାଇ। ଉତ୍ସବ ପାଳନରେ ବିଭିନ୍ନତା ଥିଲେ ମଧ୍ୟ ସମସ୍ତଙ୍କୁ ଏକାଠି ବାନ୍ଧିରଖେ ନୂଆଁଖାଇ। କଳାହାଣ୍ଡି ଜିଲାରେ ନୂଆଁଖାଇ ସପ୍ତପୁରୀ ଅମାବାସ୍ୟାଠାରୁ ଆରମ୍ଭ ହୋଇ ଦଶହରା ଦଶମୀରେ ଶେଷ ହୁଏ। ଏହାରି ଭିତରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଋଷି ପଞ୍ଚମୀ ଦିନ ଜିଲାର ବଡ ଭାଗ ଲୋକେ ନୂଆଁଖାଇ ପାଳନ କରିଥାନ୍ତି।

### ଦଶମୀ ତିଥିରେ ଲାଞ୍ଜିଗଡ଼ରେ ପାଳିତ ହୁଏ ନୂଆଁଖାଇ

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମାରୋହ



କେସିଙ୍ଗା ବିଦ୍ୟାପୀଠରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କେସିଙ୍ଗା,୨୩।୯ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ବିଦ୍ୟାପୀଠ ପଡିଆଠାରେ ବ୍ଲକ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତାରେ ଫୁଟବଲ, କବାଡି ଓ ଖୋକୋ ପ୍ରଭୃତି ଖେଳ ଜୁନିୟର ଓ ସିନିୟର୍ ଲେବୁଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେସିଙ୍ଗା ବ୍ଲକର ୩୦ ସ୍କୁଲରୁ ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ଏନଏସି ଅଧକ୍ଷ ନୃପରାଜ ଯାଦବ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ କେସିଙ୍ଗା ପଞ୍ଚାୟତ ସମିତି ଅଧକ୍ଷ ଚନ୍ଦନ ସେନାପତି। ଏହି କାର୍ଯ୍ୟକ୍ରମରେ ଚଳିତବର୍ଷର ସର୍ବଶ୍ରେଷ୍ଠ ସ୍କାଉଟ ମାଷ୍ଟର ବିବେଚିତ ହୋଇଥିବା ଦେଓଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ତୁମେଶ୍ୱର ଶବରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଠାରେ ପ୍ରକାଶ ଥାଉକି ଏହି ବ୍ଲକସ୍ତରୀୟ କ୍ରୀଡାରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗନେବେ। ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ନର୍ଲାରେ ଅନୁଷ୍ଠିତ ହେବ। ତେଣୁ ବିଜେତା ଛାତ୍ରୀଛାତ୍ର ନର୍ଲା ବ୍ଲକର ତୁଲାପଡା ଯିବେ ବୋଲି ଜଣାପଡ଼ିଛି। ଏଥିରେ ବ୍ଲକ ପିଇଟି ସଂଘ ସଭାପତି ପଞ୍ଚମ ସାହୁ, ସମସ୍ତ ସ୍କୁଲର ଖେଳ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଶ୍ୱିନ ପଧାନ।

## ନବନିର୍ମାଣ କୃଷକ ସଙ୍ଗଠନର ଜିଲା ଯୁବ କମିଟି ଗଠିତ

ଭବାନୀପାଟଣା,୨୩।୯
(ଉତ୍ତମ କୁମାର ଦାଶ)

ଭବାନୀପାଟଣା ଲାଲବାହାଦୂର ଷ୍ଟାଡିୟମ ରେଣ୍ଡୋ ମାଝି ମଞ୍ଚଠାରେ ନବନିର୍ମାଣ କୃଷକ ସଙ୍ଗଠନ କଳାହାଣ୍ଡି କମିଟି ତରଫରୁ ଜିଲା ଯୁବ କମିଟି ଗଠନ କରାଯାଇ ଥିଲା। ଏହି ସମାବେଶରେ ଜିଲା ସଭାପତି ଲିଙ୍ଗରାଜ ପ୍ରଧାନ, ଉପସଭାପତି ଦୁର୍ଯ୍ୟୋଧନ କୁମାର ଓ ସମ୍ପାଦକ ଭଗବାନ ସାହୁ ଓ ଜିଲା କାର୍ଯ୍ୟକର୍ତ୍ତା ତଥା ବରିଷ୍ଠ ନାଗରିକ, ଆଇନଜୀବୀ ୧୩ଟି ବ୍ଲକର ଜନସାଧାରଣ ଉପସ୍ଥିତ ଥିଲେ। ସଭାକୁ ସର୍ବପ୍ରଥମେ ଜିଲା ଉପସଭାପତି ଦୁର୍ଯ୍ୟୋଧନ କୁମାର ସମ୍ବୋଧିତ କରି ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ଶାସନ ଉପରେ, ପାଣି ସମସ୍ୟା ଉପରେ ଓ ଚାଷୀ ଉପକରଣକୁ ନେଇ ବର୍ଷିଥିଲେ। ଜିଲା ସଭାପତି ଲିଙ୍ଗରାଜ ପ୍ରଧାନ ମଧ୍ୟ ସରକାରଙ୍କ ବେଆଇନ ଶାସନ ଉପରେ ରୋକ ଲଗାଇବା ପାଇଁ ଗର୍ଜନ କରିଥିଲେ। ପରେ ଜିଲା ଯୁବ କମିଟି ଘୋଷଣା କରିଥିଲେ। ଜିଲା ଯୁବ ସଭାପତି ଭାବରେ ହିତେଷ କୁମାର ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଉପସଭାପତି ଭାବରେ ଶେଷଦେବ ମଶ୍ରା ଓ କୋକସରା ବ୍ଲକରୁ କ୍ଷୀରୋଦ ଧରୁଆଙ୍କୁ ଜିଲା ସମ୍ପାଦକର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ଜିଲା ସଦସ୍ୟ ଭାବରେ ପବିତ୍ର ବାଗ, ମୋହନ ବଣୁଆ, କିଶୋର ବେହେରା, ସୁବାସ ନାଏକ, ମନୋଜ କୁମାର ନାଏକ, ଅମୂଲ୍ୟ ନାଏକ, ସାହିଲ ପ୍ରଧାନ, କିରଣ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା।

## ଏକତା ବଜାୟ ରଖିଲେ ସମୃଦ୍ଧି ଆସିବ


କାର୍ଯ୍ୟକ୍ରମରେ ପୁରସ୍କୃତ ଯୁବ ପ୍ରତିଭା।

ଲୋଇସିଂହା,୨୩।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭାଲୁପାଲି ଗ୍ରାମରେ ପଞ୍ଚମ ବର୍ଷ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। କଳା, ସଂସ୍କୃତି ଓ ପରମ୍ପରାକୁ ଉଜିବୀତ ରଖିବା ପାଇଁ ନାଚଗୀତ, କବିତା, କମେଡି, ହଳିଆ ଗୀତ, ମଠିଆ ଫଟା, ବାଡିଟଣା, ଦୁଆରି ଗୀତ ଏବଂ ମହିଳାଙ୍କ ମଧ୍ୟରେ ବୁହାସେନ କାନ୍ଦି, ଛୁଆଭୁର୍ତ୍ତା, ହୁଳହୁଳି, ସିଲେଇ, ମ୍ୟୁଜିକ, ବକ୍ତୃତା ଓ ଜଣାଅଜଣା ଆଦିପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ମଞ୍ଚ ଅଭିନେତା ସାଗର କୁମ୍ଭାର, ଆଲବମ୍ ଅଭିନେତ୍ରୀ ରାଶେଶ୍ୱରୀ ଚଣ୍ଡି, କଣ୍ଠଶିଳ୍ପୀ ଅଞ୍ଜନ କୁମାର, ବିନୟ କୁମାର ସୁନାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭେଟ୍‌ଘାଟ କମିଟି ସଭାପତି ସୂର୍ଯ୍ୟଭାନୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନୂଆଁଖାଇର ବୈଶିଷ୍ଟ ଅବତାରଣା ସହ ଗାଁରେ ଏକତା ବଜାୟ ରଖିଲେ ସମୃଦ୍ଧି ଆସିବ ବୋଲି ସେ କହିଥିଲେ। କବି ରଜ୍ଜଣ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିଲେ।

### ଭାଲୁପାଲିରେ ନୂଆଁଖାଇ ଭେଟ୍‌ଘାଟ

## ନିମ୍ନମାନର ନିର୍ମାଣ ଅଭିଯୋଗ କଲେ ଗ୍ରାମବାସୀ

ଖଡ଼ିଆଳ,୨୩।୯(ସୁଜିତ କୁମାର ପ୍ରଧାନ)


ପିଚୁ ଛାଡି ଯାଉଥିବା ରାସ୍ତା।

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଉପରପିଟା ଗ୍ରାମଠାରୁ ଲାଞ୍ଜି, କୁଶମାଳ ଦେଇ ଖଡ଼ିଆଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଅତି ନିମ୍ନମାନର କାର୍ଯ୍ୟ ହେଉଛି। ଖଡ଼ିଆଳଠାରୁ ଉପରପିଟା ଯାଏ ମୋଟ ୧୩.୨୬୬ କିମି ପିଚୁ ରାସ୍ତା କାମ ପାଇଁ ବ୍ୟୟ ଅଟକଳ ରହିଛି ୭କୋଟି ୧୧ଲକ୍ଷ ୯୮ହଜାର ଟଙ୍କା। ହେଲେ କାମ ନିମ୍ନମାନର ହେଉଥିବା ଏହିଭଳି ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ଖାଲି ସେତିକି ନୁହେଁ କାମ ଚାଲିଥିବା ସମୟରେ ରାସ୍ତାରୁ ପିଚୁ ଉଠିଗଲାଣି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ କହିଲେ ବି କୌଣସି ସୁଫଳ ମିଳୁନାହିଁ। ଅଭିଯୋଗ ସମ୍ପର୍କରେ ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ଚନ୍ଦ୍ରମୋହନ ସିଂଙ୍କୁ ପଚାରିବାରୁ ବର୍ଷା ଯୋଗୁଁ ପିଚୁ ଖୋଲି ହୋଇଯାଇଛି, ଏହାକୁ ମରାମତି କରାଯିବ ବୋଲି କହିଥିଲେ। ଅପରପକ୍ଷେ ପ୍ରଶାସନ କାମ ତଦାରଖ ସହ ଉଚିତମାନର ରାସ୍ତା ତିଆରି ନ କଲେ ଆଗାମୀ ଦିନରେ ଗ୍ରାମ ଉନ୍ନୟନ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ନୂଆଁଖାଇ ଜାତୀୟସ୍ତରରେ ପଶ୍ଚିମ ଓଡ଼ିଶାର ଏକ ପରିଚୟ

ଭବାନୀପାଟଣା,୨୩।୯(ଉତ୍ତମ କୁମାର ଦାଶ)

ନୂଆଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗାନ୍ଧୀ ଭବନରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ନୂଆଖାଇ ମହାସମାରୋହରେ ପାଳିତ ହୋଇଯାଇଛି। ଏହାକୁ ପଶ୍ଚିମ ଓଡ଼ିଶା ଛାତ୍ର ସଙ୍ଗଠନ ଆୟୋଜନ କରିଥିଲା। ନୂଆଁଖାଇ କେବଳ କୃଷି ମହୋତ୍ସବ ନୁହେଁ, ବରଂ ଜାତୀୟସ୍ତରରେ ପଶ୍ଚିମ ଓଡିଶାର ଏକ ପରିଚୟ ବୋଲି ଅତିଥିମାନେ କହିଥିଲେ। ପଶ୍ଚିମ ଓଡ଼ିଶା ଛାତ୍ର ସଙ୍ଗଠନର ସଭାପତି ଲୋକେଶ ଦୁର୍ଗାଙ୍କ ଅଧକ୍ଷତାରେ ଏଥିରେ ଅତିଥି ଭାବେ ରାଜ୍ୟ ସଭା ଏମ୍‌ପି ସୁଜିତ କୁମାର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଡିନ ପ୍ରଫେସର ବଳରାମ ପାନି ଯୋଗଦେଇଥିଲେ। ଗାନ୍ଧୀ ଭବନର ନିର୍ଦ୍ଦେଶକ ପ୍ରଫେସର କେ.ପି ସିଂ, ଆଡା ୨୪୭ର ଅଧାପକ ବ୍ୟୋମକେଶ ମେହେର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନିଶା ବେହେରା, ନରେନ୍ଦ୍ର ପ୍ରତାପ ରାଉତ, ରଘୁପତି ନାୟକ, ସମୋହନ ପତି, ନୀଳାମ୍ବର ବାଗ, ଶୁଭଙ୍କର ମିଶ୍ର, ରୋହିତ ନାୟକ, ଚିରଞ୍ଜୀବୀ ହୋତା, ରଜତ ସାହୁ ପ୍ରମୁଖ ସକ୍ରିୟ ଭୂମିକା ତୁଲାଇଥିଲେ।


ନୂଆଦିଲ୍ଲୀରେ ନୂଆଁଖାଇ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି, ଛାତ୍ରଛାତ୍ରୀ

# କାର୍ଯ୍ୟକ୍ଷମ ହେଉନି ଜଳପ୍ରକଳ୍ପ

- ପାଣି ପାଇଁ ହଟହଟା ପଲସିପାଣି ପଞ୍ଚାୟତବାସୀ
- ପିଉଛନ୍ତି ଦୂଷିତ, ଫ୍ଲୋରାଇଡଯୁକ୍ତ ପାଣି
- ଫାଟିଗଲାଣି ପାଇପ୍, ଭାଙ୍ଗି ଗଲାଣି ଷ୍ଟାଣ୍ଡପୋଷ୍ଟ

ନୂଆପଡା,୨୩।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ପଲସିପାଣି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିବାହାଲ, ପଲସିପାଣି, ଘୁଟୁପଡା, ସାଲେପଡା, ନରିହାପଡା, କାଶିପଲା ଗାଁର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ବସୁଧା ଯୋଜନାରେ ଅର୍ଥ ଆବଣ୍ଟିତ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାର ଖାମଖିଆଲି ନୀତି ଯୋଗୁଁ ସାଧାରଣ ଜନତାଙ୍କୁ ଅସୁବିଧା ଭୋଗ କରିବାକୁ ପଡୁଛି।

ପଲସିପାଣି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସିଆଲଲଟି ପଞ୍ଚାୟତ କରଙ୍ଗଭଟାଠାରେ ସୁନ୍ଦର ନଦୀକୂଳରେ ଗଭୀର ନଳକୂପ ଖନନ କରାଯାଇଛି। ପମ୍ପ ହାଉସ ନିର୍ମାଣ କାମ ବିସରିଛି। ପଲସିପାଣି ଗାଁରେ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଓଭରହେଡ ଟ୍ୟାଙ୍କ ନିର୍ମାଣ ପରେ ପ୍ରତ୍ୟେକ ଗାଁରେ ପାଇପ ବିଛା ଯାଇଛି । ନିର୍ମାଣ ହୋଇଥିବା ଷ୍ଟାଣ୍ଡପୋଷ୍ଟ ବି ଇତ୍ୟବସରେ ଭାଙ୍ଗିରୁଜି ଗଲାଣି ।


ନିର୍ମାଣ ହୋଇଥିବା ଓଭରହେଡ ଟ୍ୟାଙ୍କ।

ଏହି ପରିସ୍ଥିତିରେ ଅନ୍ୟନୋପାୟ ହୋଇ ଲୋକେ ନଳକୂପର ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ଅପରପକ୍ଷରେ ନିମ୍ନମାନର ପାଇପ ସହ କମ ଗଭୀରରେ ପାଇପ ସବୁ ପୋତା ଯାଇଥିବାରୁ ଭାରିଯାନ କିମ୍ବା ଗାଈ ମଇଁଷି ଚାଲିଗଲେ ଏହା ଫାଟି ଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଗାଁ ଭିତରେ ଯାଇଥିବା ପାଇପରୁ ଷ୍ଟାଣ୍ଡ ପୋଷ୍ଟଗୁଡିକୁ ସଂଯୋଗ ଦିଆଯାଇ ନାହିଁ। ଜଳଯୋଗାଣ ପାଇଁ ପଞ୍ଚାୟତବାସୀ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସୂଚନାଯୋଗ୍ୟ ଯେ, ପଞ୍ଚାୟତରେ ୬୦ଟି ନଳକୂଅ ଥିବା ବେଳେ ୧୦ଟି ଅଚଳ ହୋଇ ପଡିଛି । ୭ଟାରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁ ଥିବାରୁ ଅଯୋଗ୍ୟ ଘୋଷିତ କରାଯାଇଛି। ଯେଉଁଗୁଡିକ ଚାଲୁଛି ସେଥିରୁ ଆବଶ୍ୟକ ପାଣି ବାହାରୁନାହିଁ । ଏନେଇ କୋମନାସ୍ଥିତ ଆରଡବ୍ଲୁଏସ୍‌ଏସ ଯନ୍ତ୍ରୀ ନିରନ୍ତର ମିଞ୍ଜଙ୍କୁ ତାଙ୍କ ମୋବାଇଲ ନଂ. ୭୨୦୫୨୧୯୩୧୦ରେ ଯୋଗଯୋଗ କରାଯାଇଥିଲା। ହେଲେ ସୁଇଚ ଅଫ ବତାଉଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳିତ

**ପାଇକମାଲ, ୨୩।୯(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ମନୋହର ସାହୁଙ୍କ ସଭାପତିତ୍ୱରେ ଶନିବାର ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ହିନ୍ଦୀର ଉତ୍ତରୋତ୍ତର ଉନ୍ନତି ପାଇଁ ଶିକ୍ଷକମାନଙ୍କୁ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଜିଲାର ବହୁ ହିନ୍ଦୀ ଶିକ୍ଷକ ଯୋଗଦାନ କରିଥିଲେ।

### ମୃତଦେହ ଦାହକଲେ ସ୍ୱେଚ୍ଛାସେବୀ

**ବରଗଡ଼, ୨୩।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ ଶନିବାର ଜିରା ନଦୀ କୂଳ ସ୍ୱର୍ଗଦ୍ୱାରରେ ଜଣେ ଅସହାୟ ବୃଦ୍ଧଙ୍କ ମୃତଦେହ ସତ୍କାର କରାଯାଇଛି। ମୃତକ ହେଲେ ବରଗଡ଼ ବ୍ଲକ ଧାଙ୍ଗେର ପଞ୍ଚାୟତ ମୁଣ୍ଡାପଡ଼ାର ବାଳକୃଷ୍ଣ କୈବର୍ତ୍ତ(୭୭)। ବୁଧବାର ରାତିରେ ତାଙ୍କର ପରଲୋକ ହୋଇଥିଲା। ତେବେ କେହି ଆତ୍ମୀୟ ସ୍ୱଜନ ନ ଆସିବାରୁ ବୃଦ୍ଧଙ୍କ ମୃତଦେହ ଘରେ ଦୀର୍ଘ ୧୮ଘଣ୍ଟା ଧରି ପଡ଼ିରହିଥିଲା। ଏ ନେଇ ସ୍ଥାନୀୟ ସାମାଜିକ କର୍ମୀ ମେରିୟମ ବାର୍ଲାଙ୍କଠାରୁ ସୂଚନା ପାଇ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ପୋଲିସ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ଦାହ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଜି. ରମେଶ, ନିଲେଶ ପ୍ରଧାନ, ଚିନ୍ମୟ ପାଣ୍ଡେ, ରାଜକୁମାର ବନଛୋର, ଅନନ୍ତ ଚରଣ ସାହୁ, ଅଭିନୟ ମିଶ୍ର, ବିକାଶ ଅଗ୍ରୱାଲ, ମେରିୟମ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

### ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ବରଗଡ଼, ୨୩।୯(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା ଭଟଲି ଥାନା ଅଧୀନ କୁଶନପୁରୀ ଗ୍ରାମରେ ଶାଶୁଘର ଲୋକେ ଜଣେ ନବବଧୂଙ୍କୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ଜଣଙ୍କ ହେଲେ ଉକ୍ତ ଗ୍ରାମର ସାଗର କୁଶଳଙ୍କ ସ୍ତ୍ରୀ ସୁରମା(୨୧)। ମୃତ ସୁରମାଙ୍କ ବାପା ବଲାଙ୍ଗୀର ଜିଲା ପୁଇଁତଳା ଥାନା ଲୁକାପଡ଼ା ଗ୍ରାମର ଗଙ୍ଗାଧରଙ୍କ ଏତଲାକ୍ରମେ ଭଟଲି ଥାନା ପୋଲିସ ଦଫା ୩୦୨, ୪୯୮(ଏ), ୩୦୪(ବି)ରେ ଏକ ମାମଲା (ନଂ.୨୨୦/୨୩) ରୁଜୁ କରିଛି। ଏହି ମାମଲାରେ ପୋଲିସ ମୃତ ନବବଧୂଙ୍କ ସ୍ୱାମୀ ସାଗରଙ୍କୁ ଗିରଫ କରିଛି । ପ୍ରକାଶ ଯେ, ପ୍ରାୟ ବର୍ଷେ ତଳେ ସୁରମାଙ୍କୁ ସାଗର ପ୍ରେମ ବିବାହ କରିଥିଲେ। ବିବାହର ୪ମାସ ପରେ ସ୍ୱାମୀଙ୍କ ସମେତ ଶାଶୁଘର ସଦସ୍ୟମାନେ ଅଧିକ ଯୌତୁକ ଦାବି କରି ସୁରମାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଶାଶୁଘର ଲୋକେ ଅର୍ଥଦାବି କରୁଥିବାରୁ ପ୍ରାୟ ପ୍ରତି ମାସରେ ସେ ୨/୩ହଜାର ଟଙ୍କା ଝିଅଙ୍କ ପାଖକୁ ପଠାଇ ଆସୁଥିଲେ ବୋଲି ଗଙ୍ଗାଧର କହିଛନ୍ତି । ଅନ୍ୟପଟେ ନୂଆଁଖାଇ ପୂର୍ବଦିନ ସୁରମା ଫୋନ କରି ଶାଶୁଘର ଲୋକେ ଅର୍ଥଦାବି କରି ନିର୍ଯାତନା ଦେଉଥିବା ନେଇ ଫୋନ ଯୋଗେ କହିଥିଲେ। କିନ୍ତୁ ଘରେ ମେଡ଼ିକାଲ ଖର୍ଚ୍ଚ ଥିବାରୁ ସେ ଦେଇ ପାରି ନ ଥିଲେ ଏବଂ ଗତ ୨୨ତାରିଖ ରାତିରେ ଶାଶୁଘର ଲୋକେ ସୁରମାଙ୍କୁ ପିଟି ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି । ଗଙ୍ଗାଧର ଏ ନେଇ ଏତଲା ଦେବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

### ଗଣେଶ ମଣ୍ଡପ ଉଦ୍‌ଘାଟିତ

**ପାଇକମାଲ, ୨୩।୯(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ଝାରବନ୍ଧ ଗ୍ରାମପଞ୍ଚାୟତ ଅଧୀନ ଗଞ୍ଜାଡାବର ଗ୍ରାମରେ ନିର୍ମିତ ଗଣେଶ ମଣ୍ଡପକୁ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଉଦ୍‌ଘାଟନ କରିଛନ୍ତି। ପୁରୋହିତ ବିଧାୟକ ଥିବାବେଳେ ତାଙ୍କ ପାଣ୍ଠିରୁ ଦେଢ଼ ଲକ୍ଷ ଓ ଏମ୍‌ପି ସୁରେଶ ପୂଜାରୀଙ୍କ ଦେଢ଼ ଲକ୍ଷ ଟଙ୍କାର ଅନୁଦାନରେ ଏହି ଗଣେଶ ମଣ୍ଡପ ନିର୍ମିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଭାଜପା ଜିଲା ସାଧାରଣ ସମ୍ପାଦକ ସରୋଜ ସାମଲ, ମଦନ ମାଝୀ, ବିରଞ୍ଚି ବେହେରା, ଭଗବାନ ତାଣ୍ଡି, ଭଗବାନ ମାଝୀ, ଭୀମସେନ ବହିଦାର, ଅଭି ମାଝୀ, ଯୋଗେନ୍ଦ୍ର ଭୋଇ, ରାଜେନ୍ଦ୍ର ସେଠଙ୍କ ସମେତ ଭାଜପାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୁବନେତା ପଙ୍କଜ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମଙ୍ଗାଶାଳରେ ମହାରାଷ୍ଟ୍ରରୁ ଆସିଥିବା ଦମ୍ପତି ।



ବଗେଇବିରା ଗ୍ରାମବାସୀଙ୍କ ସହିତ ମହାରାଷ୍ଟ୍ର ଦମ୍ପତି ନବାନ୍ନ ଭକ୍ଷଣ କରୁଛନ୍ତି ।

# ପଶ୍ଚିମାଞ୍ଚଳ ସଂସ୍କୃତିରେ ଅଭିଭୂତ ମହାରାଷ୍ଟ୍ର ଦମ୍ପତି

**ବରଗଡ଼, ୨୩।୯(ପ୍ରେମାନନ୍ଦ ଖମାରୀ)**

ପଶ୍ଚିମାଞ୍ଚଳ କଳା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହି କ୍ରମରେ ସୁଦୂର ମହାରାଷ୍ଟ୍ରରୁ ଆସିଥିବା ଏକ ପରିବାର ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଏକ ଛୋଟିଆ ଗାଁ ବଗେଇବିରାରେ ପହଞ୍ଚି ନୂଆଁଖାଇରେ ସାମିଲ ହୋଇଥିଲେ। ମହାରାଷ୍ଟ୍ର ରାଜ୍ୟ ମୁମ୍ବାଇ ଛତ୍ରପତି ଶିବାଜୀ ୟୁନିଭର୍ସିଟିର ସହକାରୀ ପ୍ରଫେସର ତଥା ସମତା ସୈନିକ ଦଳ, ମହାରାଷ୍ଟ୍ରର ରାଜ୍ୟ ପ୍ରଶିକ୍ଷକ ଅନିକେତ୍ ଉବାଲେ, ସ୍ତ୍ରୀ ସୁଷମା ଏବଂ ଝିଅ ଚେରିଙ୍କ ସହ ଏହି ଗ୍ରାମକୁ ଆସିଥିଲେ। ଏହି ପରିବାର ଗ୍ରାମବାସୀଙ୍କ ସହିତ ନୂଆଁଖାଇରେ ସାମିଲ ହେବା ସହିତ ନବାନ୍ନ ଭକ୍ଷଣ କରିଥିଲେ। ମହାରାଷ୍ଟ୍ରରୁ ବଗେଇବିରା ଭଳି ଏକ ଛୋଟିଆ ଗାଁକୁ ଆସିଥିବାରୁ ସେମାନଙ୍କୁ ଗ୍ରାମବାସୀଙ୍କ ତରଫରୁ ସ୍ୱତନ୍ତ୍ର ଆତିଥ୍ୟ ପ୍ରଦାନ କରାଯାଇଥିଲା। ଏହି ପରିବାର ଗ୍ରାମର ପରିବେଶ ଦେଖିବା ସହ ନୂଆଁଖାଇ ସଂସ୍କୃତି, ପରମ୍ପରାକୁ ଉପଭୋଗ କରିଥିଲେ। ବୁଣାକାରଙ୍କ ସହିତ ସାମିଲ ହୋଇ ମଙ୍ଗାଶାଳରେ ସେମାନେ ମଧ୍ୟ ଲୁଗା ବୁଣିଥିଲେ। ଗ୍ରାମର ସ୍ୱେଚ୍ଛାସେବୀ ପୁରନ୍ଦର ଭୋସାଗର ନୂଆଁଖାଇ ସମେତ ଅଞ୍ଚଳର ସଂସ୍କୃତି, ପରମ୍ପରା ଉପରେ ସେମାନଙ୍କୁ ବୁଝାଇଥିଲେ।



ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ନାଟକର ଏକ ଦୃଶ୍ୟାଭିନୟ।

# ନାଚଗୀତରେ ନୂଆଁଖାଇ ଭେଟ୍

**ବରଗଡ଼, ୨୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ମେଲଛାମୁଣ୍ଡା ପଞ୍ଚାୟତ ଅଧୀନ ପଣ୍ଡରିପାଣି ଗ୍ରାମରେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସତ୍ୟାନନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରୁ ଇଷ୍ଟଦେବୀ ମାଁ ସପ୍ତଭଗ୍ନୀ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାର୍ଚ୍ଚନା ପରେ ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଦିଲୀପ କୁମାର ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବାଞ୍ଛାନିଧି ସାହୁ, ଗୌନ୍ତିଆ ମାନସ ଚାନ୍ଦ, ଶିକ୍ଷକ ଦୀପକ ଭୋଇ, ଉପସଭାପତି ଜୟଦେବ ମେହେର, ସାଂସ୍କୃତିକ ସମ୍ପାଦକ ପ୍ରସନ୍ନ କଲେତ, କେଶବ ବିଶି ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରଦୀପ କୁମାର ପଣ୍ଡାଙ୍କ ରଚିତ, ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ମୁକ୍ତି' ପରିବେଷିତ ହୋଇଥିଲା। ଏହାସହିତ ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂଘର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସହଯୋଗ କରିଥିଲେ।

# ତୈଳିକ ବୈଶ୍ୟ (ସାହୁ) ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଲ, ୨୩।୯(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ତୈଳିକ ବୈଶ୍ୟ (ସାହୁ) ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସମାଜର ଧର୍ମଶାଳା ନୃସିଂହନାଥରେ ବ୍ଲକ ସଭାପତି ବଳରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି, ଜିଲା ସଭାପତି ଭିକାରୀ ସାହୁ, ଜିଲା ଆଇନ ପରାମର୍ଶଦାତା ରାଜକିଶୋର ସାହୁ, ପିତାମ୍ବର ସାହୁ, ବେଣୁଧର ସାହୁ, ସଂକୀର୍ତ୍ତନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନୂଆଁଖାଇର ଉପକାରିତା ବିଷୟରେ ମତାମତ ରଖିଥିଲେ। ସମ୍ପାଦକ ଯୁଧିଷ୍ଠିର ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ଲକ ଉପ ସଭାପତି ଦହିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସମାଜର ସଦସ୍ୟମାନେ ।

# ରାଧାମାଧବ ଆଶ୍ରମରେ ରାଧାଷ୍ଟମୀ

**ଅମ୍ବାଭୋନା, ୨୩।୯(ଛନ୍ଦାଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ଗ୍ରାମର ବାବା କେଦାରନାଥ ପୀଠ ଅପରପାର୍ଶ୍ୱରେ ରହିଥିବା ଶ୍ରୀ ଶ୍ରୀ ରାଧାମାଧବ ଆଶ୍ରମ, ଚୈତନ୍ୟ ବିହାର ମଠ ପରିସରରେ ଶନିବାର ରାଧାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜା ଉପଚାର ଏବଂ ୧୦୮ ବ୍ରାହ୍ମଣଙ୍କୁ ପୂଜା କରାଯାଇଥିଲା। ଦିଲୀପ ଅଗ୍ରୱାଲ, ପ୍ରିନ୍ସ ଶର୍ମା, ସୁରଜ ଡାଲମିଆ ପ୍ରମୁଖ ପୂଜା କରିଥିଲେ। ଉକ୍ତ ଉତ୍ସବରେ ଅମ୍ବାଭୋନା ବ୍ରାହ୍ମଣ ସମାଜ ସମ୍ପାଦକ ପଣ୍ଡିତ ଅଶୋକ ମହାପାତ୍ର, ପଣ୍ଡିତ ହିମାଂଶୁ ଶେଖର ରଥ, ସୀତାରାମ ରଥ, ଗୌରାଙ୍ଗ ମିଶ୍ର, ଜଗନ୍ନାଥ ପଣ୍ଡାଙ୍କ ସମେତ ଅନେକ ବ୍ରାହ୍ମଣ ଯୋଗଦାନ କରିଥିଲେ। ସଚ୍ଚିଦାନନ୍ଦ ପୁରୋହିତ, ପଞ୍ଚାନନ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।



ରାଧାଷ୍ଟମୀ ଉତ୍ସବରେ ଉପସ୍ଥିତ ବ୍ରାହ୍ମଣମାନେ ।

### ଜାତୀୟ ପୋଷଣ ମାସ ସମୂହ ଅଭିଯାନ

**ପଦ୍ମପୁର, ୨୩।୯ (ପ୍ରଦୀପ୍ତ ଦାଶ )**

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ କନସିଂହା ମଣ୍ଡଳସ୍ତରୀୟ ଜାତୀୟ ପୋଷଣ ମାସ ସମୂହ ଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନାକ୍ଷୀ ରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୋଷଣ ମାସ ଉପରେ ସଚେତନତା ସୃଷ୍ଟି ପାଇଁ ଏକ ସଚେତନ ଶୋଭାଯାତ୍ରା କରାଯାଇଥିଲା। ପ୍ରତ୍ୟେକ ଘରେ ପୋଷଣ ପର୍ବ ପାଳନ କରିବାକୁ ବୁଝାଯାଇଥିଲା। ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ଶାରୀରିକ ସୁସ୍ଥତା ପାଇଁ ପୋଷଣଯୁକ୍ତ ଖାଦ୍ୟପେୟର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁପର ଭାଇଜର ତିଳୋତ୍ତମା ଦାସ, ରକ୍ମଣୀ ମହାପାତ୍ର, ସୁକାନ୍ତି ବରିହା, ଅଙ୍ଗନୱାଡି କର୍ମୀ ବୃନ୍ଦାବତୀ ଭୁଏ, ସୀତା ସାହୁ, ଲିନା ବରିହା, ବିମଳା ବଗାରୀ, କୁନ୍ତୀ ବିଶିଙ୍କ ସମେତ କନସିଂହା ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପୋଷଣଯୁକ୍ତ ପନିପରିବା ପ୍ରଦର୍ଶନ କରାଯାଇଥିଲା।

# ୬୬୨ବର୍ଗ କଲେଜରେ ତାଲା ଝୁଲିବ

**ବରଗଡ଼, ୨୩।୯(ପ୍ରେମାନନ୍ଦ ଖମାରୀ)**

୬୬୨ କଲେଜ ସଂଘ ଅନ୍ତର୍ଗତ ଶିକ୍ଷକ, କର୍ମଚାରୀମାନେ ନ୍ୟାଯ୍ୟ ଦାବି ପାଇଁ ଦୀର୍ଘ ୨୨୦ଦିନ ହେଲା ରାଜଧାନୀ ରାଜରାସ୍ତାରେ ଆନ୍ଦୋଳନ କରିଚାଲିଛନ୍ତି। ଏହାସତ୍ତ୍ୱେ ସଂଘର ଦାବି ପୂରଣ ହୋଇପାରିନାହିଁ । ଫଳରେ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଇତିମଧ୍ୟରେ ବିଶାଳ ସମାବେଶ କରି ରାଜ୍ୟବ୍ୟାପୀ ହଜାର ହଜାର ଅଧ୍ୟାପକ, କର୍ମଚାରୀ ସାମିଲ ହୋଇଥିଲେ ସୁଦ୍ଧା ସରକାର ଦୃଷ୍ଟି ଦେଇ ନ ଥିବା ଯୋଗୁ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି। ନ୍ୟାଯ୍ୟ ଦାବି ପୂରଣ ପାଇଁ ପୁଣି ଶିକ୍ଷକମାନେ ଆସନ୍ତା ୨୫ତାରିଖରେ ଲୋୟର ପିଏମ୍‌ଜିରେ ବିଶାଳ ସମାବେଶରେ ଯୋଗଦାନ କରିବା ଚୂଡ଼ାନ୍ତ ହୋଇଛି। ଏ ନେଇ ସଂଘର ରାଜ୍ୟ ସଭାପତି ଗୋଲକ ନାୟକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ବରଗଡ଼ ଜିଲାର ୬୬୨ସଂଘ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟଗୁଡ଼ିକ ଆସନ୍ତା ୨୫ ଏବଂ ୨୬ତାରିଖ ବନ୍ଦ ରହିବ ଏବଂ ସମୂହ ଛୁଟି ନେଇ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଆନ୍ଦୋଳନରେ ସାମିଲ ହେବେ ବୋଲି ଜିଲା ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳକୃଷ୍ଣ ମିଶ୍ର, ସମ୍ପାଦକ ସୁଶାନ୍ତ ମିଶ୍ର, ସହ ସମ୍ପାଦକ ଜଗଦୀଶ ଦେବତା, କୋଷାଧ୍ୟକ୍ଷ ସୁରେଶ ପରିଡ଼ା ପ୍ରମୁଖ ସୂଚନା ଦେଇଛନ୍ତି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

**ପଦ୍ମପୁର, ୨୩।୯(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଥାନା ଅଧୀନ ଚିରୋଲି ବନ୍ଧ ଅଫିସ ଛକରେ ସିଂହନପୁର ଗ୍ରାମର ରୁଦ୍ର ମେହେର ନାମକ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ପାଇକମାଳ ଥାନା ଅଧୀନ ବଇଦପାଲି ଗ୍ରାମର ରୋହିତ ନାଏକ ଓ କଲୋନୀ ପଡାର ଦିଲୀପ ବରିହାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୫/୨୩) ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଛି ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁସାରେ, ଆକ୍ରମଣର ଶିକାର ହୋଇଥିବା ରୁଦ୍ରଙ୍କ ସହ ଅଭିଯୁକ୍ତଙ୍କ ବ୍ୟବସାୟିକ ଶତ୍ରୁତା ରହିଥିଲା। ଏଥିପାଇଁ ସେମାନେ ରୁଦ୍ରଙ୍କୁ ରାସ୍ତାରୁ ହଟାଇବାକୁ ଚାହୁଁଥିଲେ। ମାସେ ତଳେ ମାଣ୍ଡିଆଡିପା ଗ୍ରାମର ଜଣଙ୍କ ଘରେ ଏ ନେଇ ଯୋଜନା ପ୍ରସ୍ତୁତ ହୋଇଥିଲା। ଶନିବାର ଅଭିଯୁକ୍ତ ଜୟଲାଲ ଓ ରୋହିତ ରୁଦ୍ରଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି କ୍ଷତ ବିକ୍ଷତ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।



ଗିରଫ ଦୁଇ ଅଭିଯୁକ୍ତ।

### ବରାହଗୋଡ଼ା, ପଦ୍ମପୁର ବିଜୟୀ

**ବରଗଡ଼, ୨୩।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚ୍‌ରେ ବରାହଗୋଡ଼ା ଏବଂ ପଦ୍ମପୁର ଦଳ ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ବରାହଗୋଡ଼ା ଓ ବ୍ରାହ୍ମଣୀପାଲି ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ଉକ୍ତ ମ୍ୟାଚ୍ ୨-୨ ଗୋଲ ବରାବର ସ୍ଥିତିରେ ରହିଥିଲା। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ବରାହଗୋଡ଼ା ଦଳ ୪-୧ ଗୋଲରେ ବିଜୟୀ ହୋଇଥିଲା। ଅନିଲ ବାଗ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିଶିକେଶନ ପ୍ରଧାନ, ଶୁଭମ ପାତ୍ର ଲାଇନରେ ସହଯୋଗ କରିଥିଲେ। ଶୁଭମ ପାତ୍ର ଚତୁର୍ଥ ରେଫରୀ ଥିଲେ। ସେହିପରି ପଦ୍ମପୁର ଓ ରେଙ୍ଗାଲପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ପଦ୍ମପୁର ଦଳ ୫-୦ ଗୋଲରେ ବିଜୟୀ ହୋଇଥିଲା। ପଦ୍ମପୁର ଦଳର ଅଜିତ ନେଗୀ ୨ ଗୋଲ ଦେଇଥିବା ବେଳେ ଯଶୋବନ୍ତ ବରିହା, ସଚ୍ଚିଦାନନ୍ଦ ବିଶି, କାନ୍ତ ଗହୀର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ନିରଞ୍ଜନ ମହାକୁର ମ୍ୟାଚ୍ ପରିଚାଳନା କରିଥିବାବେଳେ ପିଣ୍ଟୁ ପ୍ରଧାନ, ନାରାୟଣ ପଣ୍ଡା ଲାଇନରେ ସହଯୋଗ କରିଥିଲେ। ପଞ୍ଚାନନ ପାତ୍ର ଚତୁର୍ଥ ରେଫରୀ ଏବଂ ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଥିଲେ। ବରାହଗୋଡ଼ା ଦଳର ଗୋଲ୍‌ଡି ଗହୀର ଏବଂ ପଦ୍ମପୁର ଦଳର ଅଜିତ ନେଗୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍ କମିଶନର ସଚ୍ଚିଦାନନ୍ଦ ପଣ୍ଡା ଏବଂ ଚନ୍ଦନ ଭୋଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ନୃତ୍ୟ ପ୍ରତିଯୋଗିତା, ଅଭିପ୍ସା ତୃତୀୟ




ଅତିଥିଙ୍କ ଗହଣରେ ଅଭିପ୍ସା ପତି।

**ବରଗଡ଼, ୨୩।୯(ପ୍ରେମାନନ୍ଦ ଖମାରୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଗୁରୁ ଗଙ୍ଗାଧର ପ୍ରଧାନ ନୃତ୍ୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ବରଗଡ଼ର ଅଭିପ୍ସା ପତି କୃତିତ୍ୱ ଅର୍ଜନ କରିଛନ୍ତି। ସେ ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନପତ୍ର ଏବଂ ନଗଦ ୧୫ ହଜାର ଟଙ୍କା ସହିତ ଅଭିପ୍ସାଙ୍କୁ ପୁରସ୍କୃତ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଉପସଭାପତି ମନ୍ମଥ କୁମାର ଶତପଥୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା, ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅଭିପ୍ସା ଗତ ୭ ବର୍ଷ ହେଲା ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଆସୁଛନ୍ତି । ସେ ୨୦୧୭ରେ ଓଡ଼ିଶୀ ନୃତ୍ୟରେ ପ୍ରଥମ ହୋଇ ରାଜ୍ୟପାଳ ପୁରସ୍କାର ପାଇଥିଲେ।

# ମହିଳା କଲେଜରେ ଜାତୀୟ ସେବା ସଂସ୍ଥା ଦିବସ

**ବରପାଲି, ୨୩।୯ (ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଦିବସ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପିଙ୍କି ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନଏସଏସ ଦିବସ ପାଳନ ସମ୍ପର୍କରେ ଅବଗତ କରାଇବା ସହ ସ୍ୱେଚ୍ଛାସେବୀଙ୍କ ଆଭିମୁଖ୍ୟ କଣ ରହିବା ଦରକାର ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାସହ ପରବର୍ତ୍ତୀ ସମୟରେ ଅନେକଗୁଡ଼ିଏ ଆହ୍ୱାନମୂଳକ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ। ଏନ୍‌ଏସ୍‌ଏସ୍ ସହ ପ୍ରୋଗ୍ରାମ ଅଫିସର ନେପାଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ସହକର୍ମୀଙ୍କ ସମେତ ଛାତ୍ରୀମାନେ ସାମିଲ ହୋଇଥିଲେ।

# କାର୍ଯ୍ୟବନ୍ଦ ଆନ୍ଦୋଳନରେ ସରପଞ୍ଚ ସାମିଲ



ବୀରମହାରାଜପୁର ସରପଞ୍ଚ ସଂଘର ସଦସ୍ୟମାନେ।

**ଅମରପାଲି, ୨୩।୯(ପୀତାମ୍ବର ସାହୁ)**

**ବିଭିନ୍ନ ଉନ୍ନୟନମୂଳକ କାମ ଠପ୍**

ବିଭିନ୍ନ ଦାବି ନେଇ ସରପଞ୍ଚମାନେ କାମବନ୍ଦ ଆନ୍ଦୋଳନ ଚଳାଇଥିବାରୁ ଉନ୍ନୟନମୂଳକ କାମ ଠପ୍ ହୋଇଯାଇଛି। ରାଜ୍ୟ ସରପଞ୍ଚ ସଂଘ ଆହ୍ୱାନକ୍ରମେ ଗତ ୧୫ ତାରିଖରେ ସମଗ୍ର ଓଡ଼ିଶାର ୫୦୦୦ ରୁ ଊର୍ଦ୍ଧ୍ୱ ସରପଞ୍ଚ ଭୁବନେଶ୍ୱର ପିଏମଜି ଛକରେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରପଞ୍ଚ ସଂଘ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହ ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୨୨ ତାରିଖରୁ ପୁଣି ଗଣଧାରଣା ଓ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଉକ୍ତ ଆନ୍ଦୋଳନରେ ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସାମିଲ ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ସୁବର୍ଣ୍ଣପୁର ଜିଲା ସରପଞ୍ଚ ସଂଘ ଆହ୍ୱାନ କ୍ରମେ ବ୍ଲକ ସରପଞ୍ଚ ସଂଘର ସମସ୍ତ ସରପଞ୍ଚ ସରକାରୀ କାମ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଫଳରେ ଉନ୍ନୟନ କାର୍ଯ୍ୟ ବ୍ୟାହତ ହୋଇଛି। ସାଧାରଣ ଜନତା ଆଧାର କାର୍ଡ, ବାସସ୍ଥାନ ପ୍ରମାଣପତ୍ର, ଜନସଂଖ୍ୟା ପ୍ରମାଣ ପତ୍ର, ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ଆଦି ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ଦାବି ପୂରଣ ଦିଗରେ ଟାଳଟୁଲ ନୀତି ଅବଲମ୍ବନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ ଓ ସମସ୍ତ ସରପଞ୍ଚ ଚେତାବନୀ ଦେଇଛନ୍ତି।




## ସଂକ୍ଷେପରେ

### ଆର୍‌ଏସ୍‌ପିରୁ ଚୋରି, ଜଣେ ଗିରଫ

**ରାଉରକେଲା,୨୩।୯(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନାରୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଣେଶ ମହାନ୍ତି(୩୯)। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୮।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଟାଙ୍ଗରପାଲି ଲକ୍ଷ୍ମୀ ମାର୍କେଟ ବସ୍ତିର ଗଣେଶ ଶୁକ୍ରବାର ବିଳମ୍ବିତ ରାତିରେ ଗଣେଶ ଆରଏସପି ପାଚେରି ଡେଇଁ କାରଖାନାର ଷ୍ଟକି ୟାର୍ଡରୁ ୪୦କେ.ଜି ସ୍କ୍ରାପ୍ ଓ ୧୨ କେ.ଜି କପର ତାର ଚୋରି କରୁଥିବା ବେଳେ ସିଆଇଏସ୍‌ଏଫ୍ ଯବାନଙ୍କ ହାବୁଡରେ ପଡିଯାଇଥିଲେ। ଯବାନମାନେ ତାଙ୍କୁ କାବୁ କରି ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି।

### ଅଟୋ ବ୍ୟାଟେରି ଚୋରି, ୨ ଗିରଫ

**ରାଉରକେଲା,୨୩।୯(ଦିନେଶ ମିଶ୍ର):** ଅଟୋରୁ ବ୍ୟାଟେରି ଓ ମ୍ୟୁଜିକ ବକ୍ସ ଚୋରି ଅଭିଯୋଗରେ ଉଦିତନଗର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଆଦିତ୍ୟ ସାହୁ ଓ ସିଦ୍ଧାର୍ଥ ବେହେରା। ପୋଲିସ ଏକ ମାମଲା (ନଂ.୩୦୩।୨୩) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ ହରିପୁର ବସ୍ତିର ବିରେନ୍ଦ୍ର ମାଲୁଆ ରାଉରକେଲା ତଥା ଆଖାପାଖ ଅଞ୍ଚଳରେ ଅଟୋ ଚଳାଇ ନିଜ ପରିବାର ଭରଣପୋଷଣ କରନ୍ତି। ସେ ଶୁକ୍ରବାର ରାତି ସାଢେ ୧୦ଟାରେ ତାଙ୍କ ଅଟୋକୁ ଘର ଦୁଆର ମୁହଁରେ ରଖିଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଅଟୋରୁ ଏକ ବ୍ୟାଟେରି ଓ ମ୍ୟୁଜିକ ବକ୍ସକୁ ଚୋରି କରି ନେଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ କରିଥିଲା।

### ବର୍ଷାରେ ଧସିଲା ଘର

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**



**ବିଶ୍ରା,୨୩।୯ (ବଟକୃଷ୍ଣ ସ୍ୱାଇଁ):** ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ବିଶ୍ରା ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ଅନେକଙ୍କ ଘରେ ପାଣି ପସିବା ସହ ମାଟି କାନ୍ଥ ଧସିଯାଇଛି। ଗଡ଼ା ମହଲାରେ ରହୁଥିବା ବୁଟୁ ବଗତୀଙ୍କ ମାଟି ଘର ବର୍ଷା ଯୋଗୁ ଭାଙ୍ଗି ଯାଇଛି। ମୁଣ୍ଡ ଗୁଞ୍ଜିବା ପାଇଁ ଘରେ ଖଣ୍ଡେ ନ ଥିବାରୁ ସେମାନ ଅସୁବିଧା ଭୋଗୁଛନ୍ତି। ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଓ ଛୋଟ ଝିଅ। ତହସିଲ ପକ୍ଷରୁ ତାଙ୍କୁ ଜରି ପଲଥିନ ଦିଆଯାଇଛି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କର ନାଁ ନାହିଁ। ତେବେ ପ୍ରଶାସନ ତରଫରୁ ତାଙ୍କୁ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



ରାଉରକେଲା ସହରର ଅଧାପନ୍ତରିଆ ଡ୍ରେନ।



ଆର୍‌ଏମ୍‌ସି କାର୍ଯ୍ୟାଳୟ ନିକଟ ମୁଖ୍ୟମାର୍ଗରେ ବର୍ଷାଜଳ।

# ଅବଧି ସରିବାକୁ ବସିଲାଣି, ସରୁନି କାମ

**ରାଉରକେଲା,୨୩।୯(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ସହରାଞ୍ଚଳର ସମସ୍ତ ମୁଖ୍ୟମାର୍ଗ ସମେତ ଗଳିକନ୍ଦି ରାସ୍ତା ବର୍ଷା ସମୟରେ ଯେଭଳି ଜଳପ୍ଲାବିତ ନ ହେବ ସେ ନେଇ ସ୍ମାର୍ଟସିଟି ପକ୍ଷରୁ ସ୍ମାର୍ଟପ୍ଲାନ ହୋଇଛି। ଏହି କ୍ରମରେ ସହରାଞ୍ଚଳର ସର୍ବପୁରାତନ ୧୦ଟି ପ୍ରମୁଖ ଡ୍ରେନ୍ ଉନ୍ନତୀକରଣ ସହ ପୁରାତନ ଡ୍ରେନର ପୁନରୁଦ୍ଧାର କରାଯାଉଛି। ୨୦୨୧-୨୧ ଆର୍ଥିକ ବର୍ଷରେ ଏ ନେଇ ସ୍ମାର୍ଟସିଟି ପକ୍ଷରୁ ୧୦ଟି ବୃହତ୍ ଡ୍ରେନ ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଲା। ନିର୍ମାଣ କାର୍ଯ୍ୟ ୬ ଭାଗରେ ବିଭକ୍ତ କରାଯାଇ ବିଭିନ୍ନ ଠିକା ସଂସ୍ଥାଙ୍କୁ ଡ୍ରେନ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଗଲା। ୨୦୨୩ ସେପ୍ଟେମ୍ବର ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସମୟ ନିର୍ଦ୍ଧାରିତ କରାଗଲା। ମାତ୍ର ଅବଧି ଶେଷ ହେବାକୁ ବସିଥିବା ବେଳେ ଏଯାଏ ୧୦ଟି ପ୍ରମୁଖ ଡ୍ରେନର ନିର୍ମାଣ କାର୍ଯ୍ୟ ସରିନାହିଁ। ୨ବର୍ଷରେ ମାତ୍ର ୬ଟି ଡ୍ରେନ ନିର୍ମାଣ ହୋଇଥିବା ବେଳେ ଆନୁଷଙ୍ଗିକ କାର୍ଯ୍ୟ ବକେୟା ରହିଛି। ଏହାସହ ୪ଟି ଡ୍ରେନର ନିର୍ମାଣ କାର୍ଯ୍ୟ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ଫଳରେ ବର୍ଷା ହେଲେ ସହରାଞ୍ଚଳ ମୁଖ୍ୟମାର୍ଗ ଓ ବସ୍ତି ରାସ୍ତାରେ ପାଣି ବହୁଛି। ଅଧାପନ୍ତରିଆ ଡ୍ରେନରେ ଅଳିଆ ପାଣି ଭରି ରହୁଛି। ପ୍ରାୟ ଡ୍ରେନରେ ସ୍ଲାବ ପଡି ନ ଥିବାରୁ ଛୋଟ ପିଲା ଗଳି ପଡିବା ଆଶଙ୍କା ରହିଛି। ତୁରନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦାବି ହେଉଛି। ଏ ନେଇ ସ୍ମାର୍ଟସିଟି ଦାୟିତ୍ୱରେ ଥିବା ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସହରର ୧୦ ଡ୍ରେନ ନିର୍ମାଣ ଅବଧି ୨୦୨୩ ସେପ୍ଟେମ୍ବର ଯାଏ ଥିଲା। ୬ ମୁଖ୍ୟ ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମୋଟାମୋଟି ଭାବେ ୮୦ଭାଗ କାର୍ଯ୍ୟ ସରିଯାଇଛି। ଆଗକୁ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସହ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଶେଷ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଭୋଇ କହିଥିଲେ।

## କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲା ଆୟୁଷ ଛାତ୍ର ସଂଘ



ଛାତ୍ର ପ୍ରତିନିଧିମାନେ କେନ୍ଦ୍ର ମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି।

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ଅଲ ଓଡିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ରାଉରକେଲାର ଏକ ପ୍ରତିନିଧି ଦଳ କେନ୍ଦ୍ର ଆୟୁଷ ମନ୍ତ୍ରୀ ସଦାନନ୍ଦ ସୋନୱାଲଙ୍କୁ ସାକ୍ଷାତ କରି ଶନିବାର ରାଉରକେଲା ଫେରିଛନ୍ତି। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ୨୧ ତାରିଖରେ ରାଉରକେଲାରୁ ଦିଲ୍ଲୀ ଯାଇଥିଲେ। ସେଠାରେ ସେମାନେ କେନ୍ଦ୍ର ମନ୍ତ୍ରୀ ସୋନୱାଲଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଆୟୁଷ କ୍ଷେତ୍ରରେ ଓଡିଶାରେ ପିଜି ସିଟ୍ ବଢୁନାହିଁ ଓ ଏନ୍‌ଏମ୍ ଓଡିଶାରେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଓଡିଶାରେ ଆୟୁଷ ପାଠ ପଢି ଛାତ୍ରୀଛାତ୍ର ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଛାତ୍ରମାନେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏ ନେଇ କେନ୍ଦ୍ର ମନ୍ତ୍ରୀ ଯଥାଶୀଘ୍ର ରାଜ୍ୟ ସରକାରଙ୍କୁ ଉକ୍ତ ସମସ୍ୟାକୁ ନେଇ ଚିଠି ଲେଖି ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ସରକାର ପ୍ରତିବର୍ଷ ଆୟୁଷ ବିଭାଗର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ଅର୍ଥ ପ୍ରଦାନ କରୁଛି। ତେବେ କଣ ପାଇଁ ଆୟୁଷ ଛାତ୍ରଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ନକାରାତ୍ମକ ଭାବନା ରହିଛି ତଦନ୍ତ କରିବେ ବୋଲି କେନ୍ଦ୍ର ମନ୍ତ୍ରୀ ସଂଘର କର୍ମକର୍ତ୍ତାଙ୍କୁ କହିଥିଲେ। ଏମ୍‌ପି ଓରାମ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ଏକ ଚିଠି ପ୍ରଦାନ କରିଥିଲେ। ଆୟୁଷ ଡାକ୍ତର ନିଶିକାନ୍ତ ଆଚାର୍ଯ୍ୟ, ଡା. ପ୍ରତ୍ୟୁଷ କୁମାର ବାରିକ, ହିତେଶ କୁମାର ଗିରି, ସନ୍ତୋଷ ସାହୁ, ଶୁକଦେବ ଦାସ, ମନୋଜ ହଲଦର, ସୁରେଶ ଶର୍ମା, ଅତୋଷ ପ୍ରଧାନ, ନିତେଶ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଏତଲା କପି ପାଇଁ ଥାନାର ଦ୍ୱାରସ୍ଥ

**ସହକାରୀ ଜିଲାପାଳଙ୍କ ମୃତ୍ୟୁ ପ୍ରସଙ୍ଗ**

**ରାଉରକେଲା,୨୨।୯(ବିପ୍ଲବ ରଞ୍ଜନ ଦାଶ)**

ମୃତା ସହକାରୀ ଜିଲାପାଳ ସସ୍ମିତା ମିଞ୍ଜଙ୍କ ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଛି। ମୃତଦେହ ବ୍ୟବଚ୍ଛେଦରେ ତାଙ୍କ ମୃତ୍ୟୁ ଆତ୍ମହତ୍ୟା ଜନିତ ବୋଲି ରିପୋର୍ଟ ଆସିବା ପରେ ମୃତକଙ୍କ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ବ୍ୟବଛେଦ ରିପୋର୍ଟ ଠିକ୍ ନୁହେଁ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହ ଗତ ୨୦ ତାରିଖରେ ଦେଇଥିବା ଏତଲାର କପି ନେବାକୁ ଶନିବାର ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ରାମାବାହାଲ ଗାଁର ମୃତା ସସ୍ମିତାଙ୍କ ପିତା ମଥିୟାସ ମିଞ୍ଜ(୬୨), ସ୍ତ୍ରୀ ସେଲେସ ଟିନା(୫୫), ଭାଇ ସନ୍ଦିପ ମିଞ୍ଜ ଏବଂ ମଉସା ସିରାଜ ପ୍ଲାଣ୍ଟସାଇଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଥିରେ ବରିଷ୍ଠ ଅଧିକାରୀଙ୍କ ହାତ ରହିଛି ବୋଲି ମୃତାଙ୍କ ମଉସା ଉଲ୍ଲେଖ କରିଛନ୍ତି। ଏହାସହ ଆଗକୁ ନିରପେକ୍ଷ ତଦନ୍ତ ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି।

## ରାଧାକୃଷ୍ଣ ମନ୍ଦିରରେ ରାଧାଷ୍ଟମୀ ପାଳିତ

**ରାଉରକେଲା,୨୩।୯(ବିପ୍ଲବ ରଞ୍ଜନ ଦାଶ)**

ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଶନିବାର ରାଧାଷ୍ଟମୀ ପାଳିତ ହୋଇଯାଇଛି। ମନ୍ଦିର ପୂଜକ ବିଜୟ କୁମାର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ରାଧାପାଦ ସହ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିଥିଲେ। ଅନନ୍ତ ସାଗର ପାଣିଗ୍ରାହୀ ହୋମ କରିବା ସହ ରାଧାକୃଷ୍ଣଙ୍କ ମହିମା ଓ ଦର୍ଶନ ସମ୍ପର୍କରେ ପାଠ କରିଥିଲେ। ମହିଳାମାନେ ପରିବାରର ମଙ୍ଗଳ କାମନା ପାଇଁ ପ୍ରଭୁଙ୍କ ପାଖରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଶଂଖ ଓ ହୁଳହୁଳି ମଧ୍ୟରେ ଆଳତୀ ଓ ପୁଷ୍ପାଞ୍ଜଳି କାର୍ଯ୍ୟ ଶେଷ ହେଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ହରିହର ରାଉତରାୟ, ସଭାପତି ପ୍ରମୋଦ କୁମାର ରାଜ, ଉପସଭାପତି ଜୟନ୍ତ ଦାସ, ନାରାୟଣ ଚନ୍ଦ୍ର ମହନ୍ତ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ,ଗୁରୁ ଚରଣ ନନ୍ଦ, ହେମନ୍ତ କୁମାର ବିଶ୍ୱାଳ, ଅନନ୍ତ ସାମଲ, ପୁରୁଷୋତ୍ତମ ବେହେରା, ପ୍ରମୋଦ କୁମାର ପ୍ରଧାନ, ବିଷ୍ଣୁ ଚରଣ ବିଶ୍ୱାଳ, ଶ୍ରୀହରି ବେହେରା, ଶିବରାମ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣି ପାଇପ ସଂଯୋଗ ଦାବିକଲେ ୫ ପରିବାର



ଦାବିପତ୍ର ଦେବାକୁ ଆସିଥିବା କଲୋନୀବାସୀ।

**ରାଉରକେଲା,୨୩।୯(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ୱାଟକୋ ପକ୍ଷରୁ ସହରର ପ୍ରତି ବସ୍ତିକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଲାଗି ଘରକୁ ଘର ପାଇପ ସଂଯୋଗ କାମ ଚାଲିଛି । ମାତ୍ର ରାଉରକେଲାର ଆର୍.ଏଚ୍ କଲୋନୀର ଅନ୍ୟମାନଙ୍କ ଘରକୁ ପାଇପ ସଂଯୋଗ ହୋଇଥିବା ବେଳେ ୫ଟି ପରିବାରକୁ ବାଦ୍ ଦିଆଯାଇଛି। ଏଥିପାଇଁ ସେମାନେ ରାଉରକେଲା ୱାଟକୋ ଜିଏମ୍‌ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପାଇପ ସଂଯୋଗ ନ କଲେ ୱାଟକୋ ଅଫିସ ଆଗରେ ଆନ୍ଦୋଳନ କରିବାକୁ କଲୋନୀର ସୁଦେଷ୍ଣା ନାୟକ, ଦୀପା କମ୍ପ, ମହାଲକ୍ଷ୍ମୀ ସାହୁ, ପ୍ରକାଶ ଚନ୍ଦ୍ର ପରିଡା ଓ ପ୍ରବୀନ କୁମାର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଇନରହୁଇଲ ରିଭରସାଇଡର ନୂଆଁଖାଇ ଭେଟ୍‌ଘାଟ୍



କାର୍ଯ୍ୟକ୍ରମରେ ଉପସ୍ଥିତ କ୍ଲବର ସଦସ୍ୟାମାନେ।

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ରାଉରକେଲା ଇନର ହୁଇଲ ରିଭରସାଇଡ ପକ୍ଷରୁ ଶନିବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଡ. କିଶୋରୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ବିଭିନ୍ନ କୋଣ ଅନୁକୋଣରେ କିପରି ପାରମ୍ପରିକ ଭାବରେ ପାଳିତ ହୋଇଥାଏ ତାହା ବର୍ଣ୍ଣନା କରିଥିଲେ। କ୍ଲବ ସଭାପତି ପ୍ରମିଳା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଚିବ ମହିମା ମହାପାତ୍ର ଆଗାମୀ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ପରେ ଲୋକନୃତ୍ୟ, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବତନ ସଭାପତି ଡ. ମିନତୀ ପଣ୍ଡା, ଡାକ୍ତର ଗୀତାଞ୍ଜଳି ପତ୍ରୀ, ଡ. ସୁଧାରାଣୀ ପ୍ରଧାନ, ତନୁଶ୍ରୀ ଜେନା, ପ୍ରଜ୍ଞା ତ୍ରିପାଠୀ, ଆରତି ଷଡଙ୍ଗୀ, ସନ୍ଧ୍ୟାରାଣୀ ବରାଳ, ମଞ୍ଜୁଳା ପାତ୍ର, ଅନୀତା ନାୟକ, ଜୋସ୍ନା ମିଶ୍ର, ସବିତା ପଟ୍ଟନାୟକ, ରାଜଲକ୍ଷ୍ମୀ ଧର, କ୍ରିକେଟର ସସ୍ମିତା ପଟ୍ଟନାୟକ, ମଞ୍ଜୁବାଳା ମହାପାତ୍ର, ଡିମ୍ପଲ ସାହୁ, ସବିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପ୍ରତିମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଭାରତୀୟ ମଧ୍ୟଦେଶୀୟ ବୈଶ୍ୟ ସଭା ଜୟନ୍ତୀ ସମାରୋହ

**ରାଉରକେଲା,୨୩।୯(ବିପ୍ଲବ ରଞ୍ଜନ ଦାଶ)**




ଜୟନ୍ତୀ ସମାରୋହରେ ଧ୍ୱଜା ସ୍ଥାପନ କରାଯାଉଛି।

ରାଉରକେଲା ହନୁମାନ ବାଟିକାରେ ଶନିବାର ୨୫ତମ ଅଖିଳ ଭାରତୀୟ ମଧ୍ୟଦେଶୀୟ ବୈଶ୍ୟ ସଭାର ୨୫ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହାସହ ପରମପୂଜ୍ୟ ବାବା ଶ୍ରୀ ଗଣିନାଥ ଗୋବିନ୍ଦଙ୍କ ବାର୍ଷିକ ପୂଜନୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଜିଲା ବୈଶ୍ୟ ସମାଜର ସଦସ୍ୟମାନେ ସାମିଲ ହୋଇଥିଲେ। ବୈଶ୍ୟ ସମାଜର ଲୋକମାନଙ୍କୁ ଏକତ୍ରିତ କରିବା, ସମାଜର ବିକାଶ ଓ ବୈଶ୍ୟଜାତି ଯୁବକମାନଙ୍କୁ ଏକତ୍ର କରି ସମାଜର ଅନୁନ୍ନତ ଓ ଅକ୍ଷମ ଲୋକଙ୍କୁ ଆଗକୁ ବଢାଇବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ରାଉରକେଲା ବିଜେଡି ନଗର ସଭାପତି ଗଗନ ପଣ୍ଡା ବରେଣ୍ୟ ଅତିଥି ଭାବେ ଯୋଗଦେଇ ବୈଶ୍ୟ ସମାଜର ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସମାଜର ସଭାପତି ଶ୍ୟାମ ବିହାରୀ ଗୁପ୍ତା, ଉପସଭାପତି ଦେବେନ୍ଦ୍ର ପ୍ରସାଦ ଗୁପ୍ତା, ସଚିନ ଗୀତା ଶରଣ ଗୁପ୍ତା, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ଶାହା, ବିଜୟ ଗୁପ୍ତା ଉପସ୍ଥିତ ଥିଲେ।

## ସରିଲା ଗଣେଶ ଭସାଣି



**ବିଶ୍ରା,୨୩।୯(ବଟକୃଷ୍ଣ ସ୍ୱାଇଁ):** ବିଶ୍ରା ଅଞ୍ଚଳରେ ଗଣେଶ ଭଷାଣୀ ଶେଷ ହୋଇଛି। ବିଭିନ୍ନ କ୍ଲବ ପକ୍ଷରୁ ଗଣେଶ ଭଷାଣୀ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକର୍ମା କରିଥିଲା। ପରେ କୋଏଲ ନଦୀରେ ସବୁ ଗଣେଶ ମୂର୍ତ୍ତିଙ୍କୁ ଏକତ୍ରିତ କରି ଭଷାଣି କରାଯାଇଥିଲା।

## ସୁନ୍ଦରଗଡ଼କୁ ରେଳ ସଂଯୋଗ ଦାବି

**ରାଉରକେଲା,୨୩।୯(ଦିନେଶ ମିଶ୍ର)**

ସୁନ୍ଦରଗଡ ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ରାଜ୍ୟ ସଭା ସଦସ୍ୟ ତଥା ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀଙ୍କୁ ତୃଣମୂଳ କଂଗ୍ରେସର ସଚିବ ଜହାଙ୍ଗୀର ହକ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ସୁନ୍ଦରଗଡସ୍ଥିତ ସିର୍କଟ ହାଉସ୍‌ରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ହକ୍ ରାଉରକେଲାରୁ ସୁନ୍ଦରଗଡ ଓ ବରଗଡ ଦେଇ ବଲାଙ୍ଗୀରକୁ ରେଳ ଚଳାଚଳ କରିବା ଦିଗରେ ଉଦ୍ୟମ କରିବାକୁ ଦାବି କରିଥିଲେ। ରେଳ ଲାଇନ ନ ଥିବାରୁ ସୁନ୍ଦରଗଡ ଓ ଦେବଗଡ ଜିଲାର ବହୁ ଲୋକ ଦୂରଦୂରାନ୍ତକୁ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ସୁନ୍ଦରଗଡ଼କୁ ହକିର ଏକ୍ସ୍‌ଟିଶାଳ କୁହାଯାଉଥିବା ବେଳେ ବହୁ ପ୍ରତିଭାବାନ୍ ଖେଳାଳି ବାହାରକୁ ଯିବା ପାଇଁ ହେଲେ ରାଉରକେଲା ଯିବାକୁ ପଡୁଛି। ତେଣୁ ଆଗାମୀ ଶୀତ ଅଧିବେଶନରେ ଏହି ପ୍ରସଙ୍ଗକୁ ରାଜ୍ୟ ସଭାରେ ଉପସ୍ଥାପନ କରିବାକୁ ଏହି ପ୍ରତିନିଧି ଦଳ ରାଜ୍ୟ ସଭା ସଦସ୍ୟ ତିର୍କୀଙ୍କୁ ଅନୁରୋଧ କରିଥିଲେ। ତେବେ ଏ ନେଇ ପଦକ୍ଷେପ ନେବାକୁ ପଦ୍ମଶ୍ରୀ ତିର୍କୀ ଏହି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ଦିଲୀପ ତିର୍କୀଙ୍କୁ ତୃଣମୂଳ କଂଗ୍ରେସ ପ୍ରତିନିଧି ଦଳ ଭେଟୁଛନ୍ତି।

## ଆର୍‌ଏସ୍‌ପି ପ୍ଲେଟ୍ ମିଲ୍‌ର ଯାନ୍ତ୍ରିକ ସମାଧାନ

**ରାଉରକେଲା,୨୨।୯(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ମେକାନିକାଲ ଶପ୍ ବିଭାଗୀୟ ଦଳ ପ୍ଲେଟ ମିଲ୍ ପାଇଁ ଏକ ଅନ୍‌ସାଇଟ ମେଶିନ ସମାଧାନ ସଫଳତାର ସହିତ ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯାଇଛି। ଏହା କମ୍ପାନୀକୁ ପ୍ରାୟ ୭୦ଲକ୍ଷ ଟଙ୍କାର ସଞ୍ଚୟ ଆଣି ଦେଇଛି। ପ୍ଲେଟ ମିଲ ବିଭାଗ ୟୁନିଭର୍ସିଆଲ ସିଣ୍ଡଲ କପଲିଂରେ ଏକ ବଡ ଧରଣ ସମସ୍ୟା ଉପୁଜିଥିଲା ଯାହା ୱାର୍କ ରୋଲ ଓ ମୋଟରକୁ ସଂଯୋଗ କରୁଥିବା ଏକ ମହତ୍ୱପୂର୍ଣ୍ଣ ଅଂଶ। ଦୀର୍ଘ ସମୟ କାର୍ଯ୍ୟରେ ନିୟୋଜନ, ଅବକ୍ଷୟ ଯୋଗୁ କପଲିଂ କି ଗୁଡିକ ଢିଲା ହୋଇଯାଇଥିଲା। ଯାହା ଦ୍ୱାରା ବିଶେଷ ଭାବେ ଘୋର ଶବ୍ଦ ଉତ୍ପନ୍ନ ହେଉଥିଲା। ଇନ୍‌ସୁଟିଂ ମେଶିନ ମାଧ୍ୟମରେ ଏହାର ସମାଧାନ କ୍ଷେତ୍ରରେ ୪୫ ଲକ୍ଷ ଟଙ୍କା ବ୍ୟୟବରାଦ ହେଲା। ଏଥିସହିତ ଏକ ବେସପୋକ୍ ମେଶିନିଂ ସ୍ଥାପନ କାର୍ଯ୍ୟ ମଧ୍ୟ ବିକଶିତ ହେଲା। ଯାହାଦ୍ୱାରା ସୁଚିନ୍ତିତ ଯୋଜନା, କାର୍ଯ୍ୟ ବିଷୟକ ରୂପରେଖ ପ୍ରସ୍ତୁତି କାର୍ଯ୍ୟ ସାଧନ ନ୍ୟସ୍ତ କରାଗଲା। ଏହି ଯନ୍ତ୍ର ୧.୫ ମିଟର ଲମ୍ୱ, ୩ଶହ ମିମି ପ୍ରସ୍ତ ଏବଂ ୧୫୦ ମିମି ଗଭୀରତା ବିଶିଷ୍ଟ ଏକ କି ଶର୍ଟ ପରିଚାଳନା କରିବା ପାଇଁ ଡିଜାଇନ ହୋଇଥିଲା। ଏହି ଅନ୍‌ସାଇଟ ମେଶିନର ସମାଧାନ ମେକାନିକାଲ ଶପ୍ ପାଇଁ ପ୍ରଥମ ଥିଲା।

## କୋର୍ଟଚାଲାଣ ବେଳେ ଫେରାର ଅଭିଯୁକ୍ତ ଗିରଫ

**ରାଉରକେଲା,୨୩।୯(ବିପ୍ଲବ ରଞ୍ଜନ ଦାଶ):** ରାଉରକେଲା ଜିଆର୍‌ପି ପୋଲିସ ଗତ ୧୮ତାରିଖରେ ମୋବାଇଲ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରୁଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ ଶନିବାର ପୁଣି ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତାରିଣୀ ମନ୍ଦିର ବସ୍ତିର ଏମ୍‌ଡି ଗୁଲଜାର(୨୮)।

## ସଂକ୍ଷେପରେ

### ହୀରାକୁଦର ୨୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୩।୯ (ଶୁଭାଶିଷ ପାଢ଼ୀ) ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ୨୪ ଗେଟ୍ ଦେଇ ଶନିବାର ବନ୍ୟାଜଳ ନିଷ୍କାସନ ହେଉଛି। ବର୍ତ୍ତମାନ ହୀରାକୁଦର ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ ଜଳ ଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବବେଳେ ବର୍ତ୍ତମାନ ଏହା ୬୨୮.୮୧ ଫୁଟ୍‌ରେ ପହଞ୍ଚିଛି। ଜଳସ୍ତର ନିୟନ୍ତ୍ରଣ କରିବାକୁ ଏହି ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩ ଲକ୍ଷ ୯୩ ହଜାର ୮୨୩ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ୪ ଲକ୍ଷ ୩୧ ହଜାର ୯୭୮ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୩୮ ହଜାର ୬ ଶହ, ପର୍ଥଲାରେ ୯୫ ହଜାର ୬୦୬, ଖଇରମାଲରେ ୫ ଲକ୍ଷ ୪୮ ହଜାର, ବର୍ମୁଲାରେ ୫ ଲକ୍ଷ ୪୮ ହଜାର ୭୦୦, ମୁଣ୍ଡୁଳିରେ ୩ ଲକ୍ଷ ୯ ହଜାର ୨୭୪ କ୍ୟୁସେକ ପାଣି ପ୍ରବାହିତ ହେଉଛି।

### ପଶ୍ଚିମ ଓଡ଼ିଶାସ୍ତରୀୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଘାଟିତ

ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଲାୟନ୍ସ କ୍ଲବ ପରିସରରେ ସ୍ୱର୍ଗତ ସୁମିତ୍ରା ମେମୋରିଆଲ ଦ୍ୱିତୀୟ ପଶ୍ଚିମ ଓଡ଼ିଶା ସ୍ତରୀୟ କ୍ୟାରମ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଦଲେଇପଡା କାଳିବାଡିର କରମାପୂଜା କମିଟି ଓ ଗାନ୍ଧୀ ମନ୍ଦିର ଯୁବକ ସଂଘ ମିଳିତ ଭାବେ ଏହାକୁ ଆୟୋଜନ କରିଛନ୍ତି। ପ୍ରତିଯୋଗିତାରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ ଜିଲ୍ଲାରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ବିଜେଡି ଜିଲା ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମୁଖ୍ୟଅତିଥି ଓ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହିରାଲାଲ ବେହେରା, ସାମାଜିକ କର୍ମୀ ଅଶ୍ୱିନୀ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୁଇଦିନିଆ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଆୟୋଜକ ବିଜୁ କଲେତ, ମିଳନ ବନଛୋର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଜିଲାସ୍ତରୀୟ ଲୋକକଳା ଉତ୍ସବ

ସମ୍ବଲପୁର,୨୩।୯ (ଶୁଭାଶିଷ ପାଢ଼ୀ)

ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ବୁଢାରଜା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭାର ଅନ୍ୱେଷଣ କରିବାକୁ କାର୍ଯ୍ୟକ୍ରମ କରାଯାଉଛି ବୋଲି କହିଥିଲେ। ଜିଲାର ୯ ବ୍ଲକ ଓ ମହାନଗର ନିଗମ ଅନ୍ତର୍ଗତ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବୁଢାରଜା ସ୍କୁଲର ଛାତ୍ରୀଛାତ୍ର ପ୍ରଥମ, ଟିଙ୍କିଲିପଡା ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ଦ୍ୱିତୀୟ, ବଳାରଙ୍ଗା ସରକାରୀ ଉନ୍ନିତ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୁରୁ ଦୁର୍ଗା ଦାସ, ଉତ୍ତମ ସିଂ, କମଳ ଲୋଚନ ପଣ୍ଡା ବିଚାରକ ଥିଲେ। ପ୍ରଥମସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟନାରାୟଣ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥି ପ୍ରଧାନ ପରିଚାଳନା କରିଥିଲେ। ଶିକ୍ଷକ ହରିନାରାୟଣ ପଣ୍ଡା, ଦିପାଲି ଚୌଧୁରୀ, ନିରଞ୍ଜନ ସିଠ, ବନବାସ ପ୍ରଧାନ, ଶ୍ରୀକାନ୍ତ ଦାସ ସହଯୋଗ କରିଥିଲେ।

### ଭାରତୀୟ ଯୁବ ସଂସଦୀୟ କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)

ରାଜସ୍ଥାନର ଜୟପୁର ସହରଠାରେ ଅନୁଷ୍ଠିତ ଭାରତୀୟ ଯୁବ ସଂସଦୀୟ କାର୍ଯ୍ୟକ୍ରମରେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଛାତ୍ରୀଛାତ୍ର ଭାଗନେଇ ପ୍ରଶଂସିତ ହୋଇଛନ୍ତି। ଜାତୀୟ ସେବା ଯୋଜନାର ଛାତ୍ର ମସୁଦ ଆଲାମ, ସ୍ୱମ ପ୍ରକାଶ, ସୁଶାନ୍ତ କେଓଡ, ଗୋପ ରଞ୍ଜନ, ବିକାଶ ରଣା, ନିକିତା ସାହୁ, ସ୍ନେହା ତ୍ରିପାଠୀ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍ ଅଧ୍ୟକ୍ଷ ଡ. ପ୍ରଦିପ କୁମାର ହରିପାଲ, ପ୍ରୋଗ୍ରାମ ଅଫିସର ମିଲି ସାହୁ, ସୁରେଶ ଏକ୍କା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସଫଳ ପିଜୁଳି ଚାଷୀ କୁଅଁର ଦମ୍ପତି

ସମ୍ବଲପୁର,୨୩।୯ (ଶୁଭାଶିଷ ପାଢ଼ୀ)


ନିଜ ବଗିଚାରେ କାର୍ଯ୍ୟରତ ଚାଷୀ ଦମ୍ପତି ।

ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ମିଳେ। ସଂଘର୍ଷ କରି ଏଭଳି ସଫଳତା ପାଇଛନ୍ତି ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଫଟାମୁଣ୍ଡା ଗାଁର ଚାଷୀ ଦମ୍ପତି ଯଜ୍ଞଶିନୀ କୁଅଁର ଓ ସ୍ୱାମୀ ମହେନ୍ଦ୍ର। ଏମାନେ ପିଜୁଳି ଚାଷ କରି ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଏହି ଦମ୍ପତି ଏବେ ପ୍ରେରଣା ପାଲଟିଛନ୍ତି। ମହେନ୍ଦ୍ର କହନ୍ତି, ପୂର୍ବରୁ ପାରମ୍ପରିକ ପ୍ରଣାଳୀରେ ଧାନଚାଷ କରିଆସୁଥିଲେ। ଏହି ଚାଷରେ ବିଶେଷ ଲାଭ ହେଉ ନ ଥିଲା। କିଛି ଭିନ୍ନ ଚାଷ କରିବା ପାଇଁ ମନରେ ଭାବିଥିଲେ। ଚାଷରେ ସଫଳତା ପାଇବା ପାଇଁ ସୋସିଆଲ ମିଡିଆ ୟୁଟ୍ୟୁବ ଦେଖିଥିଲେ। ତାଇ- ୭ ପିଜୁଳି ଓ କାଜୁ ଚାଷ କିପରି ହୋଇଥାଏ ସେ ନେଇ ଏକ ଭିଡ଼ିଓ ଦେଖିଥିଲେ। ପାରମ୍ପରିକ ପୁରୁଣା ଚାଷ ପଦ୍ଧତି ଛାଡି ଜୈବିକ ପଦ୍ଧତିରେ ପିଜୁଳି ଓ କାଜୁ ଚାଷ କରିବା ପାଇଁ ଆଗ୍ରହ ବଢ଼ିଥିଲା। ଶେଷରେ ଜୈବିକ ପ୍ରଣାଳିରେ ପିଜୁଳି ଓ କାଜୁ ଚାଷ ଆରମ୍ଭ କରିଥିଲେ। ନିଜର ୨ ଏକର ଜମିରେ ସେ ୨ ହଜାର ଗୋଟି ତାଇ-୭ ପିଜୁଳି ଚାରା ଲଗାଇଥିଲେ। ଏଥିରେ ସେ ସୋରିଷ ଓ ଲିମ୍ବ ପିଡିଆର ଜୈବିକ ଖତ ପ୍ରୟୋଗ କରିଥିଲେ। ଗୋଟିଏ ଚାରାକୁ ସେ ୨୫୦ ଟଙ୍କାରେ କିଣିଥିଲେ। ଏଥିରେ ତାଙ୍କର ମୋଟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ୩ ଏକର ଜମିରେ ସେ ଜୈବିକ ପଦ୍ଧତିରେ କାଜୁ ଚାଷ ମଧ୍ୟ କରିଛନ୍ତି। ଏବେ ଗଛଗୁଡିକ ବଡ ହୋଇ ଫଳ ଧରିବା ଆରମ୍ଭ କଲାଣି। ମହେନ୍ଦ୍ରଙ୍କ ଏହି ଚାଷ କାମରେ ସ୍ତ୍ରୀ ଯଜ୍ଞଶିନୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଛି। ଯଜ୍ଞଶିନୀ ସ୍ଥାନୀୟ ସମିତିସଭ୍ୟା ହୋଇଥିବା ବେଳେ ନିଜ କାମରୁ ଟିକିଏ ଅବସର ମିଳିଲେ ସ୍ୱାମୀଙ୍କୁ ସହଯୋଗ କରନ୍ତି। ଏହି ତାଇ- ୭ ପିଜୁଳି ଚାଷର ବିଶେଷତ୍ୱ ହେଉଛି ଏହା ବର୍ଷକରେ ୩ଥର ଫଳ ଅମଳ ଦେଇଥାଏ। ଏଭଳି ଅର୍ଥକରୀ ଚାଷ କରି ସେ ନିଜେ ଲାଭବାନ ହେବାସହ ସ୍ଥାନୀୟ ଅଞ୍ଚଳର ୧୦ ଜଣ ଲୋକଙ୍କୁ ରୋଜଗାର ଦେଇଛନ୍ତି। ଚାଷୀଦମ୍ପତିଙ୍କ ଏହି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଉଛି।

# ଗଣେଶ ପୂଜା କମିଟିର ନିଆରା ପ୍ରୟାସ



ପ୍ରେସ୍‌କ୍ଲବରେ ଆୟୋଜିତ ରକ୍ତଦାନ ଶିବିର ।

ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ):

ସମ୍ବଲପୁର ପ୍ରେସ୍‌କ୍ଲବରେ ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୧୨ବର୍ଷ ହେବ ଗଣେଶ ପୂଜା ଅବସରରେ ରକ୍ତଦାନ କରି ଅନୁଷ୍ଠାନର ଯୁବକମାନେ ସମାଜ ପାଇଁ ନିଜର ଉତ୍ତର ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଶିବିରକୁ ଯୁବ ବୈଜ୍ଞାନିକ ଶେଷଦେବ କିଷାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁର ପ୍ରେସ କ୍ଲବର ସଭାପତି ତ୍ରିବିକ୍ରମ ପ୍ରଧାନ, ସାଧାରଣ ସମ୍ପାଦକ ଭବାନୀଶ ଭୋଇ ଉପସ୍ଥିତ ଥିଲେ। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ରକ୍ତଭଣ୍ଡାର ଡାକ୍ତର କଲ୍ଲେଶ କକ୍କଡ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଶିବିର ଆୟୋଜନରେ ସୁବ୍ରତ କୁମାର ପଣ୍ଡା, ରାମଦାସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, ସୁଧିର ପୂଜାରୀ, ସୁବ୍ରତ ସାହୁ, ରାଜେଶ ରାଉଳ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ । ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ଶେଷ କିଷାନଙ୍କୁ ସମ୍ମାନିତ କରାଯାଇଥିଲା।

# ଉଦ୍ଧାର ସଂଜ୍ଞାହୀନ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

କୁଚିଣ୍ଡା,୨୩।୯(ବିରଞ୍ଚି ଦର୍ଶୀ):

କୁଚିଣ୍ଡା ପୋଲିସ ଗତ ବୁଧବାର ଲଇଡାଗୁଣା (ଗୌଡପଡ଼ା) ଛକ ନିକଟ ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଥିଲା। ଏହାସହ ପାଖରେ ପଡିଥିବା ଜଣେ ସଂଜ୍ଞାହୀନ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କୁଚିଣ୍ଡା ଡାକ୍ତରଖାନା ପଠାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସୁନ୍ଦରଗଡ ଜିଲା ସଦର ଥାନା ରଙ୍ଗିଆମୁଣ୍ଡା ଗ୍ରାମର ଗୁରୁଚରଣ ମହାରଣାଙ୍କ ସ୍ତ୍ରୀ ସ୍ନେହଲତା (୫୫)। ପୋଲିସ ଉଦ୍ଧାର କରିଥିବା ଗଳିତ ମୃତଦେହ ହେଉଛି ମହିଳାଙ୍କ ପୁଅ ସୁମନ୍ତ (୩୪)। ଏ ନେଇ ପୂର୍ବରୁ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୩) ରୁଜୁ ହୋଇଥିବା ବେଳେ ମହିଳାଙ୍କ ମୃତ୍ୟୁ ପରେ ପୁଣି ଏକ ଅପମୃତ୍ୟୁ ମାମଲା (ନଂ.୫୩/୨୩) ରୁଜୁ ହୋଇଛି। ପୋଲିସ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ମା' ଓ ପୁଅଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ ମୃତ ସୁମନ୍ତ ସମ୍ବଲପୁର ଜିଲା ମହୁଲପାଲି ଥାନା କୁନ୍ତରା ନିକଟସ୍ଥ କାପୁଟିକିରା ଗ୍ରାମରେ ବିବାହ କରିଥିଲେ। ତାଙ୍କର ଏକ ୮ବର୍ଷ ପୁଅ ମଧ୍ୟ ଅଛି। ପ୍ରାୟ ୫ବର୍ଷ ପୂର୍ବରୁ ତାଙ୍କ ସ୍ତ୍ରୀ ନିଆଁରେ ପୋଡିଯିବାରୁ ସୁମନ୍ତ ତାଙ୍କୁ ଓ ପୁଅକୁ କାପୁଟିକିରା ଶ୍ୱଶର ଘରେ ଛାଡି ଚାଲିଯାଇଥିଲେ। ସ୍ତ୍ରୀ ପୋଡିଯାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଅବସ୍ଥାରେ ବାପଘରେ ଥିବାରୁ ତାଙ୍କୁ ଦେଖିବା ପାଇଁ ଗତ ୧୮ତାରିଖରେ ମା' ସ୍ନେହଲତାଙ୍କ ସହ ସୁମନ୍ତ ଶ୍ୱଶୁର ଘରକୁ ଆସିଥିଲେ। ମା' ପୁଅ ଉଭୟେ ଉକ୍ତ ଦିନ ନିଜ ଘରକୁ ଚାଲି ଚାଲି ଫେରିଥିଲେ। କୌଣସି କାରଣରୁ ସେମାନେ ଲଇଡାଗୁଣା (ଗୌଡପଡା) ଛକ ଜଙ୍ଗଲରେ ପଡିରହିଥିଲେ। କୁଚିଣ୍ଡା ପୋଲିସ ବୁଧବାର ସୁମନ୍ତଙ୍କ ଗଳିତ ମୃତଦେହ ଓ ମା' ସ୍ନେହଲତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ସୁମନ୍ତ ଲିଭର ଶିରୋଶିସ ରୋଗରେ ପୀଡିତ ଥିଲେ। ତାଙ୍କ ପେଟରେ ପାଣି ଜମିରହି ପେଟ ଫୁଲିଯାଇଥିଲା। କୌଣସି କାରଣ ବସତଃ ସୁମନ୍ତଙ୍କ ସେଠାରେ ଜୀବନ ଚାଲିଯାଇଥିଲା। ପୁଅଙ୍କ ମୃତଦେହ ପାଖରେ ମା' ଶୋଇବାରୁ ସେ ସଂକ୍ରମିତ ହୋଇ ସଂଜ୍ଞାହୀନ ଅବସ୍ଥାରେ ପଡିରହିଥିଲେ।

### ଅକ୍ଟୋବରରେ ଆସିବ ସିନେମା ମାଇଣ୍ଡ ଗେମ୍

ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ଘଟଣା ଶୀର୍ଷକ ବହୁଭାଷୀ ସିନେମା ମାଇଣ୍ଡ ଗେମ ଅକ୍ଟୋବର ମାସରେ ମୁକ୍ତିଲାଭ କରିବ। ଏହି ସିନେମା ୨୦୧୮ରେ ଚର୍ଚ୍ଚିତ ଜଣେ ଅଧ୍ୟାପକଙ୍କ ଚରିତ୍ରକୁ ନେଇ ନିର୍ମିତ ହୋଇଛି। ଚଳଚ୍ଚିତ୍ର ମୁଖ୍ୟ ଅଭିନେତା ମନୋଜ ମିଶ୍ର ଓ ପ୍ରଯୋଜକ ଶ୍ରୀଧର ମାର୍ଥା ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ସମ୍ବଲପୁରୀ ଓ ଓଡ଼ିଆ ଭାଷାରେ ମାଇଣ୍ଡ ଗେମ ଏବଂ ତେଲୁଗୁ ଓ ହିନ୍ଦୀ ଭାଷାରେ ଅହମ ନାମ ରହିବ। ପୂର୍ବର ଏହି ସିନେମା ପାଟଣାଗଡ ନାମରେ ନାମିତ ହୋଇଥିଲା। ହେଲେ ଆଇନଗତ ସମସ୍ୟାରେ ଛନ୍ଦିହେବା ପରେ ସେନ୍‌ସର ବୋର୍ଡର ନିର୍ଦ୍ଦେଶ କ୍ରମେ ନାମ ପରିବର୍ତ୍ତନ କରାଯାଇଛି। ବଲିଉଡ ଅଭିନେତା ଅତୁଲ କୁଲକର୍ନି, ଯଶପାଲ ଶର୍ମା, ଦମକିଲା ଭର୍ଣ୍ଣି, ଓଡିଆ ଅଭିନେତ୍ରୀ ଅନୁ ଚୌଧୁରୀ, ଚିନ୍ମୟ ମିଶ୍ର ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ମିଶ୍ର ସୂଚନା ଦେଇଛନ୍ତି।

# ସଙ୍ଗଠନ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

## ଭାଜପା ମହିଳା ମୋର୍ଚ୍ଚା ବୈଠକ

ନାକଟିଦେଉଳ,୨୩।୯(ବୈକୁଣ୍ଠ ନାଥ ସାହୁ):

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଶିବ ମନ୍ଦିର ପ୍ରାଙ୍ଗଣରେ ଶନିବାର ଭାଜପା ମହିଳା ମୋର୍ଚ୍ଚାର ବୈଠକ ଅନୁଷ୍ଠିତ ହୋଇଯାଇଛି। କୁମାରେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ସବିତା ନନ୍ଦ ଓ ରାଜ୍ୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ଆରତୀ ବରାଳ ଯୋଗଦେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହାସହ କେନ୍ଦ୍ର ସରକାରଙ୍କ ସଫଳତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ନାକଟିଦେଉଳ ବ୍ଲକ ଅଞ୍ଚଳରେ ମହିଳା ମୋର୍ଚ୍ଚା ସଂଗଠନକୁ କିପରି ତୃଣମୂଳ ସ୍ତରରୁ ସୁଦୃଢ କରାଯାଇ ପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ କେନ୍ଦ୍ର ସରକାର ଲୋକ ସଭାରେ ମହିଳା ସଂରକ୍ଷଣ ବିଲ ପାସ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉପସ୍ଥିତ ମହିଳାମାନେ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା ଯୋଗଦେଇ ମହିଳାମାନଙ୍କ ପାଇଁ କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଓ ମହିଳା ସଂରକ୍ଷଣ ବିଲ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମହିଳା ମୋର୍ଚ୍ଚା କିସିଣ୍ଡା ମଣ୍ଡଳ ସଭାନେତ୍ରୀ ବିନୋଦିନୀ ପ୍ରଧାନ, ନାକଟିଦେଉଳ ମଣ୍ଡଳ ସଭାନେତ୍ରୀ ଜାହ୍ନବୀ ସ୍ୱାଇଁ, ହରିହର ସାହୁ, କଶ୍ୟପ ସାହୁ, ସ୍ୱଦେଶ ରଞ୍ଜନ ପ୍ରଧାନଙ୍କ ସମେତ ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ଯୋଜନା ଲୋକଙ୍କୁ ଜଣାଅ

## ଭାଜପାର ବୈଠକ

ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)



ବୈଠକରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

ସମ୍ବଲପୁର ଜିଲା ଭାଜପା କାର୍ଯ୍ୟାଳୟରେ ଦଳୀୟ ପଦାଧିକାରୀଙ୍କୁ ନେଇ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ସଂଗଠନକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ତ୍ରିସ୍ତରୀୟ ସାଙ୍ଗଠନିକ ବ୍ୟବସ୍ଥା ମଣ୍ଡଳ କମିଟି, ଶକ୍ତିକେନ୍ଦ୍ର ଓ ବୁଥ୍ କମିଟିକୁ ସୁସଙ୍ଗଠିତ କରିବା ପାଇଁ ପରାମର୍ଶ ଦେଇଥିଲେ। କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବାକୁ ମତପ୍ରକାଶ ପାଇଥିଲା। ରାଜ୍ୟ ସମ୍ପାଦକ ତଥା ସମ୍ବଲପୁର ପ୍ରଭାରୀ ଟଙ୍କଧର ତ୍ରିପାଠୀ ମଣ୍ଡଳ ସଭାପତିଙ୍କଠାରୁ ସବିଶେଷ ବିବରଣୀ ଗ୍ରହଣ କରବା ସହ ସଙ୍ଗଠନକୁ ଆହୁରି ସକ୍ରିୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାୟକ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିଭଳି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ଓ ପ୍ରକୃତ ହିତାଧିକାରୀ ଯୋଜନାର ଲାଭ ପାଇପାରିବେ ସେ ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା ସ୍ୱାଗତ ଭାଷଣ ଓ ଅନ୍ୟତମ ସାଧାରଣ ସମ୍ପାଦକ ଆଶିଷ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଓ ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ସୁସ୍ମିତା ଦେହୁରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ବୃନ୍ଦାବନ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସନତ ମିତ୍ର, ଦାମୋଦର କର, କ୍ଷେତ୍ରୀୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ଜିଲା ଓବିସି ମୋର୍ଚ୍ଚା ସଭାପତି ରମେଶ ପ୍ରଧାନ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ନୀଳାମ୍ବର ସିକନ୍ଦରଙ୍କ ସମତେ ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ।

### ବାଲ୍ୟବିବାହ ନିରୋଧ ଜନସଚେତନା

ସମ୍ବଲପୁର,୨୩।୯ (ଶୁଭାଶିଷ ପାଢ଼ୀ)

ବାଲ୍ୟବିବାହ ନିରୋଧ ସଚେତନତା ଶିବିର ସମ୍ବଲପୁର ଜିଲା ସମେତ ଝାରସୁଗୁଡା ଜିଲାରେ ଆୟୋଜନ ହେଉଛି। କୈଳାସ ସତ୍ୟାର୍ଥି ଚିଲ୍ଡ୍ରେନ ଫାଉଣ୍ଡେଶନ ସହାୟତାରେ ସାମାଜିକ ଅନୁଷ୍ଠାନ ଆଦର୍ଶ ପକ୍ଷରୁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ମହିଳା ସଂଗଠନ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଯୋଗ ଦେଉଛନ୍ତି। ବାଲ୍ୟବିବାହ, ଶିଶୁଯୌନ ନିର୍ଯାତନା, ଶିଶୁ ଚାଲାଣ ରୋକିବା ନେଇ କାର୍ଯ୍ୟକ୍ରମ କରାଯାଉଥିବା ଆଦର୍ଶ ଅନୁଷ୍ଠାନ ସମ୍ପାଦକ ପ୍ରଦୀପ ବେହେରା ସୂଚନା ଦେଇଛନ୍ତି।

### ରକ୍ତଭଣ୍ଡାରରେ ଜରୁରୀ ବୈଠକ

ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟଠାରେ ଶନିବାର ସମ୍ବଲପୁର ରକ୍ତଭଣ୍ଡାର ପରିଚାଳନା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ରେଡ୍‌କ୍ରସ ସୋସାଇଟି ସମ୍ପାଦକ ଜୟ ଜର୍ଜ, ସମ୍ବଲପୁର ରକ୍ତଭଣ୍ଡାର ଅଧିକାରୀ କଲ୍ଲେଶ କକ୍କଡ, ସାମାଜିକ କର୍ମୀ ସୁଧାର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ



ସମାରୋହରେ ମଞ୍ଚାସୀନ ଅତିଥିମାନେ ।

ସମ୍ବଲପୁର,୨୩।୯(ବି.ଶଙ୍କର):

ସମ୍ବଲପୁର ଜିଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି, ଖବରଦାତା ଡ. ଦାଶରଥି ବେହେରା ମୁଖ୍ୟବକ୍ତା, ଗଙ୍ଗାଧର ମେହେର ଜୁନିୟର କଲେଜର ଅଧ୍ୟାପିକା ରଶ୍ମିରେଖା ଜେନା ସମ୍ମାନିତ ଅତିଥି, ଦୟାନିଧି ସା ବିଶିଷ୍ଟ ବକ୍ତା ଭାବରେ ଯୋଗଦେଇ ହିନ୍ଦୀ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ଭାଷା ହିନ୍ଦୀର କିପରି ବହୁଳ ବ୍ୟବହାର ହେବ ସେ ନେଇ ସମସ୍ତେ ନିଜ ସ୍ତରରେ ଉଦ୍ୟମ କରିବା ଜରୁରୀ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ସନ୍ଦିପ କୁମାର ସାହୁ ସଭାପତିତ୍ୱ କରିଥିଲେ । ସମ୍ପାଦକ ମହମ୍ମଦ ମିର୍ଜା ଜହିରୁଦ୍ଦିନ, ଉପସଭାପତି ପ୍ରିୟଦିପ୍ତି ପଟ୍ଟନାୟକ, ସହ ସମ୍ପାଦିକା ରଶ୍ମିରେଖା କ୍ଷେତିଙ୍କ ସମେତ ଜିଲାର ୯ ବ୍ଲକର ହିନ୍ଦୀ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଞ୍ଚଶାସନୀ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ



ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବଲପୁର,୨୩।୯(ବି.ଶଙ୍କର):

ପଞ୍ଚଶାସନୀ ବ୍ରାହ୍ମଣ ସମାଜ ଭବନ ପରିସରରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସମାଜର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ କୁମାର ବେହେରା ମାଁ ସମଲେଶ୍ୱରୀ ଓ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମାଜର ଦିବଙ୍ଗତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ସରୋଜ କୁମାର ଧର, ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ୍ତ ନାଥ, ଜଗଦୀଶ ତ୍ରିପାଠୀ, ଡ. ଶ୍ୟାମସୁନ୍ଦର ଧର, ଅନନ୍ତରାମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଅପରାହ୍ନରେ ଗୁରୁଜନ ଓ ବୟୋଜ୍ୟେଷ୍ଠଙ୍କୁ ଭେଟି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା। କାମିନୀ ମୋହନ ଶର୍ମା, ତ୍ରିଲୋଚନ ତ୍ରିପାଠୀ, ପଙ୍କଜିନୀ ନାୟକ, ତୃଷ୍ଣାମୟୀ ନାଥ, ହେମନ୍ତ ପାଢ଼ୀ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ସହ ସମ୍ପାଦକ ନିଶିକାନ୍ତ ବିଶ୍ୱାଳ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ସରୋଜ ଧର ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ

କୁଚିଣ୍ଡା,୨୩।୯(ବିରଞ୍ଚି ଦର୍ଶୀ): କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ଷଷ୍ଠ ପ୍ରତିଷ୍ଠା ଦିବସ ଶନିବାର ଗୁପ୍ତା ଜୁଏଲେରିପ୍ରକୋଷ୍ଠରେ ପାଳିତ ହୋଇଯାଇଛି। ସଂଘ ସଭାପତି ଜୟ ପ୍ରକାଶ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପଦେଷ୍ଟା ଶାନ୍ତନୁ ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅରବିନ୍ଦ ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ ମହାପାତ୍ର, ମେଜର ଡ. ବସନ୍ତ କୁମାର ପଟେଲ ପ୍ରମୁଖ ଯୋଗଦେଇ ବିଗତ ବର୍ଷ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଆଗାମୀ ଦିନର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ଏସି ପକ୍ଷରୁ ଲିଖିତ ଭାବେ ସଂଘ କାର୍ଯ୍ୟାଳୟ ପାଇଁ ଏକ ଗୃହ ଯୋଗାଇ ଦିଆଯାଇଥିଲେ ହେଁ ମରାମତି କରି ହସ୍ତାନ୍ତର କରାଯାଇ ନାହିଁ। ଏଥିପାଇଁ ଏକ ପ୍ରତିନିଧି ଦଳ ଏନ୍‌ଏସି ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ ସ୍ଥିର ହୋଇଥିଲା। ଏତଦ୍‌ବ୍ୟତୀତ ସଂଘ ପକ୍ଷରୁ କୁଚିଣ୍ଡା ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସମ୍ପାଦକ ଚିନ୍ତାମଣି ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ଖେଳକୁଦରେ ଉତ୍ତମ ପ୍ରଦର୍ଶନ ପାଇଁ ପରାମର୍ଶ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଶିକ୍ଷୟିତ୍ରୀଶିକ୍ଷକ।

କୁଚିଣ୍ଡା,୨୩।୯(ବିରଞ୍ଚି ଦର୍ଶୀ):

ଆସନ୍ତା ୩୦ ଓ ୧ତାରିଖରେ କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ପାରୁଆଭାଡି ପଞ୍ଚାୟତ ହାଇସ୍କୁଲରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଅଧ୍ୟକ୍ଷତା କରି ବାଳିକାବାଳକ ଖୋ ଖୋ, କବାଡି ଓ ଫୁଟବଲ ପ୍ରତିଯୋଗିତାରେ ପିଲାମାନେ ଯେପରି ଉତ୍ତମ ପ୍ରଦର୍ଶନ କରି ଜିଲାର ସୁନାମ ଅର୍ଜନ କରିବେ ସେଥିନିମନ୍ତେ କ୍ରୀଡ଼ା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଜଗବନ୍ଧୁ ବେହେରା, କୁଚିଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଗୀତା ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୌରାଙ୍ଗ କୁସୁମଙ୍କ ସମେତ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ କୁଚିଣ୍ଡା ବ୍ଲକର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସୌଭାଗ୍ୟ ପଟେଲ, ଉଦିତ ପ୍ରତାପ ଦେଓ ଓ ଗନେ କାଉଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ କମଳଲୋଚନ ବେହେରା, ଚନ୍ଦ୍ରହାସ କର୍ଣ୍ଣ, ଶୁଶିଳ ତ୍ରିପାଠୀ, ଅଶୋକ ପଟେଲ, ଶିକ୍ଷୟିତ୍ରୀ ପ୍ରତିମା ଏକ୍କା, ଲିଲି ପୁନମ ସୋରେନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବାଥିଲେ। କ୍ରୀଡା ଶିକ୍ଷକ ପ୍ରଦୀପ ପଟେଲ,ମହାବୀର ସା, ସୌଭାଗ୍ୟ ନାୟକ, ଟିକେଶ୍ୱର ମାଝି, ଚନ୍ଦନ ମାକର, ଧିରେନ୍ଦ୍ର ପଟେଲ, ଇନ୍ଦିରା ଦାସ, ପ୍ରକାଶ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ କ୍ରୀଡା ସମ୍ପାଦକ ଶ୍ରୀକାନ୍ତ ପଟେଲ ସଭା ପରିଚାଳନା କରିଥିବା ବେଳେ ପାରୁଆଭାଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

